**ଖଳାରେ ନିଆଁ ଲାଗି ଜଳିଗଲା ଧାନ**

ଲାଠୋର: ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ଗ୍ରାମର ଖଗେଶ୍ୱର ମାଝିଙ୍କ ଖଳାରେ ନିଆଁ ଲାଗି ରଖାଯାଇଥିବା ଧାନ ଜଳି ଯାଇଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ତାଙ୍କ ଧାନରେ ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ସକାଳୁ ଖଗେଶ୍ୱର ଧାନ ଜଳି ଯାଇଥିବା ଦେଖିବାକୁ ପାଇ ହତାଶ ହୋଇ ପଡିଛନ୍ତି। କ୍ଷୟକ୍ଷତିର ଆକଳନ କରି ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଗଲା ଯୁବକଙ୍କ ଜୀବନ

ଲୋଇସିଂହା,୧୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ୨୬ ନଂ ଜାତୀୟ ରାଜପଥ ବୁର୍ଡା ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟିଟୁ ଭୋଇ(୨୫)। ଗୁରୁତର କାଳିଆ ମହାଲିଙ୍ଗ(୩୦)ଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଓ ଗୁରୁତରଙ୍କ ଉଭୟଙ୍କ ଘର ବୁର୍ଡା ଗ୍ରାମରେ। ବୁଧବାର ପ୍ରତ୍ୟୁଷରେ ବୁର୍ଡା ଗ୍ରାମର କେତେକ ଯୁବକ ପ୍ରାତଃ ଭ୍ରମଣରେ ଯାଉଥିବାବେଳେ ଦୁଇଜଣ ଯୁବକ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଉଭୟଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବଲାଙ୍ଗୀର ନିଆଯାଇଥିଲା। ସେଠାରେ ଟିଟୁଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ମୃତ ଓ ଆହତ କେଉଁଠିରେ ଯାଉଥିଲେ ଓ କେଉଁଗାଡି ସେମାନଙ୍କୁ ଧକ୍କା ଦେଲା ତାହା ସ୍ପଷ୍ଟ ହୋଇନାହିଁ।

### ଅବ୍ୟବସ୍ଥାରେ ଚାଲିଛି ଏଏନ୍ଏମ୍ କେନ୍ଦ୍ର

ପଲମ, ୧୮।୧୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ମୁରସିଂ ଗ୍ରାମର ଏଏନଏମ୍ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ମଧ୍ୟରେ ଗତିକରୁଛି। କେନ୍ଦ୍ର ଦାୟିତ୍ୱରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଏଏନଏମ୍ ମୀନା ନନ୍ଦ ୬ ବର୍ଷ ହେଲା ନିୟୋଜିତ ହୋଇଥିଲେ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। କେନ୍ଦ୍ରର ପାଚେରୀ ଏବଂ ପିଇବା ପାଣି ପାଇଁ ନଳକୂପ ନାହିଁ। କେନ୍ଦ୍ରରେ ଯେଉଁ ଶୌଚାଳୟ ଅଛି ତାହା ବ୍ୟବହାର ଯୋଗ୍ୟ ନୁହେଁ। ପନୀୟ ଜଳ ପାଇଁ ୮୦୦ ମିଟର ଦୂର ହାଇସ୍କୁଲର ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନତ କୁମାର ଶତପଥିଙ୍କୁ ପଚାରିବାରୁ ଏହି ବିଷୟରେ ଜିଲା ସ୍ୱାସ୍ଥ୍ୟ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଯାଇଛି ଏବଂ କିଛି ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ।

### ଲାଠୋରରେ ଖୋଲିଲା ଧାନମଣ୍ଡି

ଲାଠୋର, ୧୮।୧୧ (ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେବା ସମବାୟ ସମିତିରେ ବୁଧବାର ସରକାରୀ ଧାନମଣ୍ଡି ଖୋଲିଛି। ସମିତି ସମ୍ପାଦକ ଜଗଦିଶ ରଣାଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ପୂର୍ବତନ ସଭାପତି ସନ୍ତୋଷ କୁମାର ଭଇଁଷାଲ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡିରେ ଲାଠୋର, ବେନ୍ଧେର, କରୁଆଁଝର, ଟଙ୍କପାଣି, ମାଲପଡା ପଞ୍ଚାୟତର ଚାଷୀମାନେ ଧାନ ବିକ୍ରୟ କରିପାରିବେ। ଚଳିତ ବର୍ଷ ଏଫଏକ୍ୟୁ ଧାନର ଦର କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ରଖାଯାଇଛି। ଏହି ଅବସରରେ ଅଞ୍ଚଳର ଚାଷୀ ସତ୍ୟନାରାୟଣ ପଣ୍ଡା, ଶେଷଦେବ ଭଇଁଷାଲ, ଆଶାରାମ ଭଇଁଷାଲ, ବଂଶୀଧର ପୋଢ଼, ରବିନ୍ଦ୍ରନାଥ ବିଶ୍ୱାଲ, କୋଶଳ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡିଇଓ ବିରେନ୍ଦ୍ରସିଂ ବୁଡେକ।

### ବିଲୁପ୍ତ ଲୋକକଳା ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱ

ଦେଓଗାଁ,୧୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମ ପାହାଡଠାରେ ଜିଲା ମିକ୍ସଚର ରାମଲୀଳା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଲୁପ୍ତ ହେବାକୁ ବସିଥିବା ଲୋକକଳା କିପରି ଉଜ୍ଜୀବିତ ରହିବ ତାହା ଉପରେ ଆଲୋକପାତ କରାଯାଇଥିଲା। ବର୍ତ୍ତମାନ ଆଧୁନିକ ଜ୍ଞାନକୌଶଳ ଯୋଗୁଁ ଯୁବ ସମାଜ ଲୋକକଳା ପ୍ରତି ଆଉ ଆଗ୍ରହ ଦେଖାଉନାହାନ୍ତି। ପୂର୍ବରୁ ଗାଁ ମାନଙ୍କରେ ପରିବେଷିତ ହେଉଥିବା ଗୀତିନାଟ୍ୟ ପ୍ରତି ମଧ ଆଗ୍ରହ ପ୍ରକାଶ ପାଉନାହିଁ। କରୋନା ଲକ୍‌ଡାଉନ ସମୟରେ ଜିଲାର ବଛାବଛା କଳାକାରଙ୍କୁ ନେଇ ମିକ୍ସଚର ରାମଲୀଳା ସଂଘ ଓ ଶୁଭମ କ୍ରୀଏସନରେ ରାମଲୀଳା, ସୀତାଚୋରୀ ଓ ମହିଷା ମର୍ଦ୍ଦିନୀ ଗୀତିନାଟ୍ୟ ସୁଟିଂ କରାଯାଇ ୟୁଟ୍ୟୁବରେ ବେଶ୍ ଆଦୃତ ହୋଇଛି। ତେବେ କରୋନା କଟକଣା ଯୋଗୁଁ କଳାକାରମାନେ ହାତବାନ୍ଧି ବସିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ସଂଘ ସମ୍ପାଦକ ଭକ୍ତ ନାଏକ, କୋଷାଧକ୍ଷ ନିରାକାର ସାଏ, ଉପସଭାପତି ଶତ୍ରୁଘ୍ନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଗାଡ଼ିରେ ଚାଲିଛି ଶ୍ରମିକ ଚାଲାଣ

- ୩ ଥର ପୋଲିସର କାର୍ଯ୍ୟାନୁଷ୍ଠାନ
- ୫୦ଶ୍ରମିକ ଉଦ୍ଧାର
- ଶ୍ରମବିଭାଗ ଜାଣି ବି ଅଜଣା

ଲାଠୋର,୧୮।୧୧(ଡି.ଏନ.ଏ.)

ଦିନ ଥିଲା ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ କେବଳ ଟ୍ରେନ୍ ଉପରେ ନିର୍ଭର କରୁଥିଲେ। ଜଣେ ଶ୍ରମିକ ନିଜ ପିଲାଛୁଆଙ୍କୁ ଧରି ଟ୍ରେନ୍‌ରେ ନିଜ ଗନ୍ତବ୍ୟସ୍ଥଳକୁ ଯାଉଥିଲେ। କରୋନା କଟକଣା ପରେ ଶ୍ରମିକ ଚାଲାଣ ପରମ୍ପରାରେ ନାନା ପରିବର୍ତ୍ତନ ଆସିଛି। ବିନା ଅଗ୍ରିମରେ ଶ୍ରମିକମାନଙ୍କୁ ଚାଲାଣ କରାଯାଉଛି। ସେହିପରି ଟ୍ରେନ୍ ନୁହେଁ ଘରୋଇ ଗାଡ଼ିକୁ ଭଡ଼ା କରି ଶ୍ରମିକମାନଙ୍କୁ ସର୍ଦ୍ଦାରମାନେ ଅନ୍ୟ ରାଜ୍ୟକୁ ପଠାଉଛନ୍ତି। ଏଥିପାଇଁ କରୋନା କଟକଣାକୁ ବେଖାତିର କରାଯାଉଛି। ବିନା ମାସ୍କ ଓ ସାମାଜିକ ଦୂରତା ରକ୍ଷା କରାଯାଉନାହିଁ। ଗୋଟିଏ ଗାଡ଼ିରେ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ବସାଇ ଶତାଧିକ କିଲୋମିଟର ନିଆଯାଉଛି। ଏଥିପାଇଁ ମୋଟା ଅଙ୍କର ଅର୍ଥ କାରବାର ହେଉଥିବା ଅଭିଯୋଗ ହୋଇଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଞ୍ଚଳରେ ଏପରି ଶ୍ରମିକ ଚାଲାଣ ଚାଲିଛି। ଚାରି ଚକିଆ ଗାଡ଼ିରେ ଶ୍ରମିକମାନେ ଯାଉଥିଲେ ମଧ୍ୟ ଶ୍ରମ ବିଭାଗ ସବୁ ଜାଣି ନ ଜାଣିବାର ଅଭିନୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ଖପ୍ରାଖୋଲ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ। ସେଠାକାର ଅଧିକାଂଶ ପରିବାର କ୍ଷୁଦ୍ର ଚାଷୀ ତଥା ଶ୍ରମିକ ଶ୍ରେଣୀର। ସେମାନେ ବର୍ଷର ୬ ମାସ ଚାଷ ଉପରେ ନିର୍ଭର କରନ୍ତି। ବାକି ୬ ମାସ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ସେଠାରୁ ଯାହା ରୋଜଗାର କରିଥାନ୍ତି ସେଥିରେ ତାଙ୍କ ପରିବାର ଚଳିଥାଏ। ଗତବର୍ଷ ଶ୍ରମିକମାନେ ଦାଦନ ଖଟିବାକୁ ଯାଇଥିଲେ। ହେଲେ କରୋନା ମହାମାରୀ ଆତଙ୍କ ଯୋଗୁ ସେଠାରେ କାମ ମିଳିଲା ନାହିଁ। ଦୁଃଖ, କଷ୍ଟରେ ସେଠାରେ କିଛିମାସ କଟାଇବା ପରେ ଘରକୁ ଫେରିଥିଲେ। ଏଠାରେ ବି ସେମାନଙ୍କ ଦୁଃଖ ବଢ଼ି ଯାଇଥିଲା। ଘର ଚଳାଇବା ପାଇଁ ଆର୍ଥିକ ସଙ୍କଟ ଦେଖାଦେଲା। ଆବଶ୍ୟକ କାମ ମିଳିଲା ନାହିଁ। କେବଳ ସରକାରୀ ସହାୟତାକୁ ଅପେକ୍ଷା କରି ସେମାନଙ୍କ ଦିନ କଟିଲା। ନିଜ ଭିଟାମାଟିରେ ଜିଲା ପ୍ରଶାସନ ସେମାନଙ୍କୁ ରୋଜଗାର ଦେବାରେ ବିଫଳ ହେଲେ। ଆଉ ବି ଅପେକ୍ଷା କରିବା ଏହି ଶ୍ରମିକ ପରିବାର ପାଇଁ କଷ୍ଟକର ହୋଇପଡିଲା। ଶେଷରେ ସେମାନେ ପୁଣି ଥରେ ଦାଦନ ଖଟି ଯିବା ପାଇଁ ମନସ୍ଥ କଲେ। ଏହି ସୁଯୋଗକୁ ସର୍ଦ୍ଦାରମାନେ ହାତଛଡା ନ କରି ଗାଁକୁ ଗାଁ ବୁଲି ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ପଠାଇବା ପାଇଁ ଲାଗି ପଡିଲେ। ଏବେ ପରିସ୍ଥିତି ଏପରି ହୋଇଛି ଯେ, ବିନା ଅଗ୍ରିମରେ ବି ଶ୍ରମିକମାନଙ୍କୁ ନାନା ଲୋଭ ଦେଖାଇ ଚାରିଚକିଆ ଗାଡିରେ ବାହାରକୁ ଚାଲାଣ କରାଯାଉଛି।

ଗତ ୨ ସପ୍ତାହ ମଧ୍ୟରେ ଖପ୍ରାଖୋଲ ପୋଲିସ ଥରେ ଏବଂ ଲାଠୋର ପୋଲିସ ୨ ଥର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଶ୍ରମିକଙ୍କୁ ଚାଲାଣ ବେଳେ ଉଦ୍ଧାର କରିଛି। ତଥାପି ଶ୍ରମ ବିଭାଗର ନିଦ ଭାଙ୍ଗୁ ନାହିଁ ବୋଲି ଅଭିଯୋଗ ହୋଇଛି। ଚଳିତ ବର୍ଷ ଟ୍ରେନ୍‌ରେ କମ୍ ପରିମାଣରେ ଶ୍ରମିକ ଚାଲାଣ ହେଉଥିବା ବେଳେ ଚାରିଚକିଆ ଗାଡ଼ିରେ ଅଧିକ ସଂଖ୍ୟକ ଶ୍ରମିକ ଚାଲାଣ କରାଯାଉଛି। ଅନ୍ୟପକ୍ଷେ ଶ୍ରମିକ ଚାଲାଣ କେବଳ ଲାଇସେନ୍ସଧାରୀ ସର୍ଦ୍ଦାରମାନେ କରି ପାରିବେ ବୋଲି ନିୟମ ରହିଛି। ହେଲେ ବିନା ଲାଇସେନ୍ସଧାରୀ ସର୍ଦ୍ଦାରମାନେ ଗାଁକୁ ଗାଁ ବୁଲି ଶ୍ରମିକ ଚାଲାଣ କରୁଛନ୍ତି। ଯାହାକି ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ଏ ନେଇ ଖପ୍ରାଖୋଲ ବ୍ଲକ ଦାୟିତ୍ୱରେ ଥିବା ଶ୍ରମ ନିରୀକ୍ଷକ ଦିବ୍ୟଶଙ୍କର ଧରୁଆଙ୍କୁ ତାଙ୍କ ଫୋନ୍‌ରେ ବାରମ୍ବାର ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ ରିସିଭ କରି ନ ଥିଲେ। ଜିଲା ପ୍ରଶାସନ ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

## ୪ ଡକାୟତ ଗିରଫ, ୨ ବାଇକ୍ ଜବତ



ଜବତ ବାଇକ୍, ଗିରଫ ୪ ଅଭିଯୁକ୍ତ।

ବଲାଙ୍ଗୀର ଅଫିସ, ୧୮।୧୧

ବଲାଙ୍ଗୀର ପୁଇଁତଲା ଥାନା ପୋଲିସ ଏକ ଡକାୟତି ମାମଲାରେ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ବାଇକ୍ ଓ ୪ଟି ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହା ଥାନା କରକଟିଆର ଶେଷଦେବ ବାଗ ଓରଫ୍ ଖଲି (୨୧), ବଲାଙ୍ଗୀର ସଦର ଥାନା ବୀରମୁଣ୍ଡା ଗାଁର ସୁପାର ସାଗର (୨୫), ପୁଇଁତଲା ଥାନା ଅନ୍ତର୍ଗତ ଝାରବଲାଙ୍ଗୀର ଗାଁର ସୁଶାନ୍ତ ବିଭାର (୨୭) ଓ ଗଣ୍ଡବାହାଲ ଗାଁର ସୁଶାନ୍ତ ତାଣ୍ଡି (୨୦)। ଗତ ଅକ୍ଟୋବର ୩୦ ତାରିଖରେ ଭାରତ ଫାଇନାନସିଆଲ ଲିମିଟେଡର ଆନନ୍ଦ ମହାନନ୍ଦ (୨୩) ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ଖରଜୁରା ଓ ଭଇଁଷାପାଲି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କ ଠାରୁ ଋଣ ଇନ୍‌ଷ୍ଟଲମେଣ୍ଟ ସଂଗ୍ରହ କରି ଫେରୁଥିଲେ। ଝାରବଲାଙ୍ଗୀର ରେଲୱେ କ୍ରସିଂ ଠାରେ ୪ ଜଣ ଯୁବକ ସେମାନଙ୍କୁ ଆକ୍ରମଣ କରି ୬୦ ହଜାର ୩୫୯ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଆନନ୍ଦ ମହାନନ୍ଦ ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୨୩୭/୨୦) ରୁଜୁ କରି ପୋଲିସ ତଦନ୍ତ କରିଥିଲା। ଏହି ମାମଲାରେ ପୋଲିସ ଉପରୋକ୍ତ ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଦୁଇଟି ବଜାଜ୍ ପଲସର ଗାଡି (ଓଡି୦୩ବି ୫୮୯୫ ଓ ଓଡି୦୩ଏସ୍ ୨୬୩୨) ଓ ୪ ମୋବାଇଲ ଜବତ କରିଛି।

## ଧାନ, କପା ମଣ୍ଡି ଉଦ୍‌ଘାଟିତ

ଟିଟିଲାଗଡ଼, ୧୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡରେ ଧାନକ୍ରୟ ପ୍ରକ୍ରିୟାକୁ ଉପଜିଲାପାଳ ସୌମେଶ ଉପାଧ୍ୟାୟ ବୁଧବାର ଉଦ୍‌ଘାଟନ କରିଛନ୍ତି। ଟିଟିଲାଗଡ ବ୍ଲକର ମନିଗାଁ ପ୍ୟାକ୍ସରେ ଉପଜିଲାପାଳ ପୂଜାର୍ଚ୍ଚନା ପରେ ପ୍ରଥମ ଦିନରେ ତିନି ଜଣ ଚାଷୀଙ୍କ ଧାନକ୍ରୟ କରାଯାଇଛି। ମଣ୍ଡିରେ ଯେଭଳି ଚାଷୀ ହଇରାଣ ନହେବେ ସେଥିପାଇଁ ଧାନ ଦେବାକୁ ଉପଜିଲାପାଳ ସତର୍କ କରିଥିଲେ। ଗତ ଖରିଫରେ ମନିଗାଁ ମଣ୍ଡିରେ ୨୬୧ ଚାଷୀଙ୍କଠାରୁ ୨୪,୫୦୦ କୁଇଣ୍ଟାଲ ଧାନକ୍ରୟ କରାଯାଇଥିଲା। ଚଳିତ ବର୍ଷ ୩୩୨ଜଣ ଚାଷୀଙ୍କଠାରୁ ୨୬ହଜାର କୁଇଣ୍ଟାଲ ଧାନକ୍ରୟ କରାଯିବାକୁ ଧାର୍ଯ୍ୟ ରହିଛି। ଜଳସେଚିତ ଅଞ୍ଚଳର ଚାଷୀ ହେକ୍ଟର ପ୍ରତି ୧୯ କୁଇଣ୍ଟାଲ ତଥା ଅଣଜଳସେଚିତ ଅଞ୍ଚଳରେ ୧୩ କୁଇଣ୍ଟାଲ ଧାନ ମଣ୍ଡିଗୁଡିକରେ ବିକ୍ରୟ କରିପାରିବେ ବୋଲି ଏହି ଅବସରରେ ଉପସ୍ଥିତ ଟିଟିଲାଗଡ ଏଆରସିଏସ ଅଜିତ ବଗର୍ତ୍ତୀ କହିଛନ୍ତି। ପ୍ୟାକ୍ସ ସମ୍ପାଦକ ରାଜା ପ୍ରଧାନ, ଡିଇଓ ରାଜୁ ଦୀପ, କର୍ମଚାରୀ ଲମ୍ବୋଦର ପ୍ରଧାନୀ, ଚତୁର୍ଭୁଜ ବାଗଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଚାଷୀଙ୍କ ଦାବି ନେଇ ଉପଜିଲାପାଳ ପ୍ରଥମ ଥର ପାଇଁ ଚଳିତବର୍ଷ ଟିଟିଲାଗଡରେ କପା ମଣ୍ଡି ଖୋଲିବା ଭଳି ପ୍ରଶଂସନୀୟ ନିଷ୍ପତ୍ତି ଚାଷୀ ମହଲରେ ଉତ୍ସାହ ଦେଖାଦେଇଛି। ଏହି ଅଞ୍ଚଳର କପା ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ଆସୁଥିଲେ। ସ୍ଥାନୀୟ ଗୋରୁବଜାର ପ୍ରାଙ୍ଗଣରେ ବିଧିବଦ୍ଧ ଭାବରେ କପା ମଣ୍ଡିକୁ ଉପଜିଲାପାଳ ଉପାଧ୍ୟାୟ ଉଦ୍‌ଘାଟନ କରିଛନ୍ତି। ଟିଟିଲାଗଡ ଏବଂ ସଇଁନ୍ତଲା ବ୍ଲକ ଅଞ୍ଚଳରେ ବମ୍ପର କପା ଉତ୍ପାଦନ ନେଇ ମଣ୍ଡି ଖୋଲିବା ଦ୍ୱାରା ଚାଷୀ ସରକାରି ଦରରେ ନିଜ ଅମଳ ବିକ୍ରୟ ସହ ଲାଭାନ୍ୱିତ ହୋଇପାରିବେ ବୋଲି ଉପସ୍ଥିତ କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର ସେଠୀ କହିଛନ୍ତି।

## ସିନିୟର ସିଟିଜେନ ଆସେମ୍ବ୍ଲିର ବୈଠକ

ଲୋଇସିଂହା,୧୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ସିନିୟର ସିଟିଜେନ ଆସେମ୍ବ୍ଲିର ବୈଠକ ସଭାପତି ଧର୍ମସିଂ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବସ୍ତି ରୋଡ ନିକଟରେ ରେଳ ବିଭାଗ ପକ୍ଷରୁ ନିର୍ମାଣାଧୀନ ଭୂତଳ ପୋଲରେ ପାଣି ଜମୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଲୋଇସିଂହା ବସ୍‌ଷ୍ଟାଣ୍ଡ, ନାରାୟଣ ସାଗର ହିଡ ଓ ତ୍ରିଶୂଳ ବନ୍ଧ ନିକଟରେ କୁଢକୁଢ ଆବର୍ଜନା ପଡିଥିଲେ ସୁଦ୍ଧା ସଫେଇ ହେଉନାହିଁ। ପଞ୍ଚାୟତ, ବ୍ଲକ ଓ ପୋଲିସ ପ୍ରଶାସନ ଦୃଷ୍ଟି ଆକର୍ଷଣ ଲାଗି ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା। ବିଭୂତି ଭୂଷଣ ସାହାଣୀ, ରାମଚନ୍ଦ୍ର ପଟେଲ, ଗଜାନନ ଅଗ୍ରୱାଲ, ପଞ୍ଚୁ ସା, ବିଶ୍ୱନାଥ ଭୂୟାଁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ

ଅତାବିରା,୧୮।୧୧ (ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ବୁଗବୁଗା ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ର-୪ ଗତ ୪ ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି। କେଉଁ କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ପ୍ରଶାସନ ପକ୍ଷରୁ ଠିକାଦାର, କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବଢ଼ି ଚାଲିଛି। ଅଙ୍ଗନୱାଡି କେନ୍ଦ୍ର-୪ ନୂତନ କୋଠା ନିର୍ମାଣ ପାଇଁ ଅତାବିରା ପଞ୍ଚାୟତ ସମିତି ପକ୍ଷରୁ ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ୍ ଅନୁଦାନ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଠିକାଦାର କାମ ଅଧାପନ୍ତରିଆ କରି ପକାଇ ଦେଇଛନ୍ତି। ହେଲେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କାମ ନ କରିବାରୁ ତାହା



ଅର୍ଦ୍ଧନିର୍ମିତ ବୁଗବୁଗା ଅଙ୍ଗନୱାଡି କେନ୍ଦ୍ର।

ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଛି। ଏ ସଂକ୍ରାନ୍ତରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଟଙ୍କୁ ପଚାରିବାରୁ ଠିକାଦାର ଅର୍ଦ୍ଧନିର୍ମିତ ଅବସ୍ଥାରେ କାମ ବନ୍ଦ କରି ଦେବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବି ବୋଲି ସରପଞ୍ଚ ସେଟ୍ କହିଛନ୍ତି। ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଶୃଙ୍ଖଳିତ ଧାନକ୍ରୟ ନେଇ ଚାଷୀଙ୍କ ବୈଠକ



ବନ୍ଧପଡା ପ୍ୟାକ୍ସ ସମ୍ମୁଖରେ ଚାଷୀମାନେ।

ଦେଓଗାଁ,୧୮।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ଓ କୁତୁର୍ଲା କୃଷିସେବା ସମବାୟ ସମିତି ପରିସରରେ ବୁଧବାର ଚାଷୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ଧପଡାରେ ପୂର୍ବତନ ସରପଞ୍ଚ ଗୋପାଳ ସିଂ ନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ଖରିଫ ଧାନକ୍ରୟର ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଚାଷୀଙ୍କ ମତନୁସାରେ ବସ୍ତା ଫେରସ୍ତ କରାଯିବା, ମଣ୍ଡିରେ ଧାନ ସଂଗ୍ରହ ସମୟ ନିର୍ଦ୍ଧାରଣ କରିବା, ସରକାରୀ ନିୟମାନୁସାରେ ଧାନ କଟନି ଛଟନି, ଚାଷୀ ବିକ୍ରି ପାଇଁ ଆଣୁଥିବା ଧାନର ସୁରକ୍ଷା ପାଇଁ ପ୍ୟାକ୍ସ ସମ୍ମୁଖରେ ଏକ ଗେଟ ଲଗାଇବା, ଟୋକନ ଅନୁସାରେ ଧାନକ୍ରୟ ଉପରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ପରେ ଏନେଇ ଏକ ଦାବିପତ୍ର ପ୍ୟାକ୍ସ ଜରିଆରେ ପ୍ରଦାନ କରାଯାଇଥିଲା। ସେହିପରି କୁତୁର୍ଲାରେ ଭାରତୀୟ କିଷାନ ସଂଘ ଆହ୍ୱାନରେ ଚାଷୀ ଅରବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁତୁର୍ଲା ଓ ହାତିସରା ପଞ୍ଚାୟତର ଚାଷୀଙ୍କ ନିଷ୍ପତ୍ତିକ୍ରମେ ଏକ କମିଟ ଗଠନ କରାଯାଇଥିଲା। ଚାଷୀ ପ୍ୟାକ୍ସକୁ ଧାନ ଆଣିବା ପରେ ସମିତି ନିଜବସ୍ତାରେ ଧାନକ୍ରୟ କରିବେ। ଧାନକ୍ରୟ ପରେ ପ୍ୟାକ୍ସ ତରଫରୁ ଏକ ସ୍ଲିପ ପ୍ରଦାନ କରାଯିବ। ପ୍ରତ୍ୟେକ ମଣ୍ଡି ଦିନର ହିସାବ ଚାଷୀ କମିଟିକୁ ଅବଗତ କରାଯିବା ଆଦି ଦାବି କରାଯାଇଥିଲା। ଏ ନେଇ ଏକ ଦାବିପତ୍ର ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କୁ ଦିଆଯାଇଥିବା ଭାରତୀୟ କିଷାନ ସଂଘ ଦେଓଗାଁ ବ୍ଲକ ସଭାପତି ଦେବେନ୍ଦ୍ର କୁମାର ପୁରୋହିତ ସୂଚନା ଦେଇଛନ୍ତି। ବୈଠକରେ ସଂଘ ରାଜ୍ୟ ସଭାପତି ରାଧେଶ୍ୟାମ ମେହେର, ସମ୍ପାଦକ ଅନାଦି ଚରଣ ପାଣିଗ୍ରାହୀ, ନରେଶ ଷାଣ୍ଢ, ଧନଞ୍ଜୟ ପଧାନ, ରଶ୍ମୀରଞ୍ଜନ ପଧାନ, ଛବିପଧାନ, ଟିକେଶ୍ୱର ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ରିପୋର୍ଟ ଦାଖଲକଲା ଲୋକାଲ କମ୍ପ୍ଲେନ୍ କମିଟି

**ଅଫିସରେ ମହିଳା କର୍ମଚାରୀଙ୍କୁ ଉପଜିଲାପାଳଙ୍କ ଅସଦାଚରଣ ମାମଲା**

ବଲାଙ୍ଗୀର ଅଫିସ, ୧୮।୧୧

ନିଜ ଅଫିସରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ଅଭିଯୋଗ ପରେ ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୪ରେ ନିଲମ୍ବିତ କରିଥିଲେ। ଏହାର ତଦନ୍ତ କରୁଥିବା ଲୋକାଲ କମ୍ପ୍ଲେନ୍ କମିଟି ୪ଦିନ ତଳେ ଫାଇନାଲ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରେରଣ କରିଛି। କମିଟିର ୬ ଜଣିଆ ସଦସ୍ୟ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଅଭିଯୋଗ ଉପରେ ତଦନ୍ତ କରିଥିଲେ। ପୀଡିତା ଆଣିଥିବା ଅଭିଯୋଗ ଉପରେ ସେଭଳି କିଛି ଠୋସ୍ ପ୍ରମାଣ ନାହିଁ ବୋଲି ଏହି କମିଟିର ଜଣେ ସଦସ୍ୟା କହିଛନ୍ତି। ତେବେ ରାଜ୍ୟ ସରକାର ଉକ୍ତ ରିପୋର୍ଟକୁ ଭିତ୍ତିକରି ଯାହା କିଛି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁସାରେ, ବଲାଙ୍ଗୀର ଉପଜିଲାପାଳ ଅଫିସରେ ଜୁନିଅର ରେଭନ୍ୟୁ ଆସିଷ୍ଟାଣ୍ଟଭାବେ କାମ କରୁଥିବା ଜଣେ ବିଧବାଙ୍କୁ ଗତ ଅଗଷ୍ଟ ମାସର ଏକ ନିର୍ଦ୍ଦିଷ୍ଟ ଦିନ ତତ୍କାଳୀନ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ତାଙ୍କ ଅଫିସ ଚ୍ୟାମ୍ବରକୁ ଡାକିଥିଲେ। ସେଠାରେ ସମ୍ପୃକ୍ତା ମହିଳା କର୍ମଚାରୀଙ୍କୁ ଉପଜିଲାପାଳ ମିଶ୍ର କୁଆଡେ ଅସଦାଚରଣ କରିଥିଲେ। ଏହାପରେ ମହିଳା ଜଣକ ସେଠାରୁ ପଳାଇ ଆସିଥିଲେ। ଏହାକୁ ନେଇ ସେ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଲିଖିତଭାବେ ଜଣାଇ ସେହି ଅଫିସରେ ସେ ଆଉ କାମ କରିବେ ନାହିଁ ବୋଲି ଜଣାଇ ସୁରକ୍ଷା ଲୋଡିଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଉପଜିଲାପାଳ ଅଫିସରୁ ଅନ୍ୟ ଏକ ଅଫିସକୁ ବଦଳି କରିଥିଲେ। ଅଭିଯୋଗ ସମ୍ପର୍କରେ ତଦନ୍ତ କରିବା ପାଇଁ ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ କମିଟିକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କମିଟି ସଦସ୍ୟାମାନେ ସମ୍ପୃକ୍ତା କର୍ମଚାରୀଙ୍କୁ ଡାକି କାଉନସେଲିଂ କରିବା ସହ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ସରକାରଙ୍କୁ ପଠାଇ ଥିଲେ। ପ୍ରାରମ୍ଭିକ ରିପୋର୍ଟକୁ ଭିତ୍ତି କରି ରାଜ୍ୟ ସରକାର ଉପଜିଲାପାଳ ମିଶ୍ରଙ୍କୁ ନିଲମ୍ବିତ କରିଥିଲେ। ଏହା ସହିତ ମାମଲା ଉପରେ ପରବର୍ତ୍ତୀ ଶୁଣାଣି ନ ହେବା ଯାଏଁ ନିଲମ୍ବିତ ଉପଜିଲାପାଳଙ୍କୁ ଜିଲା ସଦର ମହକୁମାରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଲୋକାଲ କମ୍ପ୍ଲେନ୍ କମିଟି ଉଭୟ ପୀଡିତା ଓ ନିଲମ୍ବିତ ଉପଜିଲାପାଳ ମିଶ୍ରଙ୍କୁ ନୋଟିସ କରି ତଦନ୍ତ ପାଇଁ ଡକାଇଥିଲେ। ଏହି ତଦନ୍ତର ଫାଇନାଲ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରେରଣ କରାଯାଇଛି। ଫାଇନାଲ ରିପୋର୍ଟରେ ଅଭିଯୋଗ ସମ୍ପର୍କରେ ଠୋସ୍ ପ୍ରମାଣ ନାହିଁ ବୋଲି ଜାଣିବା ପରେ ପୀଡିତା ଜଣକ ଏ ନେଇ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇ ନ୍ୟାୟ ମାଗିବେ ବୋଲି କହିଛନ୍ତି।

## ପାଣିରେ ପଡ଼ିଲା ୧୬ଲକ୍ଷ ଟଙ୍କା

- କାମରେ ଆସୁନାହିଁ ଓଭରହେଡ୍ ଟାଙ୍କି
- ନଳକୂପ,ପରିତ୍ୟକ୍ତ କୂଅ ପାଣି ପିଉଛନ୍ତି ଗ୍ରାମବାସୀ
- ଉଚ୍ଚ କ୍ଷମତାସମ୍ପନ୍ନ ଓଭରହେଡ୍ ଟାଙ୍କି ନିର୍ମାଣ ପାଇଁ ପ୍ରସ୍ତାବ

ଖଡ଼ିଆଳ, ୧୮।୧୧ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବରଗାଁ ପଞ୍ଚାୟତରେ ନିର୍ମାଣ ହୋଇଥିବା ଓଭରହେଡ ଟାଙ୍କି ଲୋକଙ୍କ କାମରେ ଆସୁନାହିଁ। ଫଳରେ ବରଗାଁ ସମେତ ବେନ୍ଦ୍ରାବାହାଲ ଓ କମାଜୁରୀ ଗାଁ ଲୋକେ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ଖଡିଆଳ ବ୍ଲକଠାରୁ ୧୦ କି.ମି. ଦୂରରେ ରହିଛି ବରଗାଁ ପଞ୍ଚାୟତ। ଏହି ପଞ୍ଚାୟତରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ୨୦୦୯-୧୦ ବର୍ଷରେ ବେନ୍ଦ୍ରାବାହାଲ ଗାଁ ନିକଟରେ ପ୍ରଶାସନ ତଥା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬ ଲକ୍ଷ ଟଙ୍କା ବ୍ୟୟରେ ୪୦ ହଜାର ଲିଟର କ୍ଷମତା ସମ୍ପନ୍ନ ଓଭରହେଡ ଟାଙ୍କି ନିର୍ମାଣ କରାଯାଇଥିଲା। ଏଥିସହ ସମ୍ପୃକ୍ତ ୩ଗାଁରେ ପାଇପ ବିଛାଯିବା ସହ ଷ୍ଟାଣ୍ଡପୋଷ୍ଟଗୁଡିକ ମଧ୍ୟ ନିର୍ମାଣ କରାଯାଇଥିଲା। ହେଲେ



ବେନ୍ଦ୍ରାବାହାଲ ଗାଁ ନିକଟରେ ନିର୍ମିତ ଓଭରହେଡ ଟାଙ୍କି।

କିଛି ମାସ ତାହା ଠିକ୍ ଭାବେ କାମ କରିବା ପରେ ଏବେ ସେହି ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଗାଁରେ ଥିବା ଷ୍ଟାଣ୍ଡପୋଷ୍ଟଗୁଡିକୁ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଫଳରେ ଲୋକେ ନଳକୂପ ଉପରେ ନିର୍ଭର କରୁଛନ୍ତି। ନଳକୂପରେ ମାତ୍ରାଧିକ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। ଗାଁରେ ଥିବା ଏକ ପରିତ୍ୟକ୍ତ କୂଅରୁ ଲୋକେ ପାନୀୟ ଜଳ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ବହୁ ଥର ଦାବି କରି ଆସିଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ରବଟ ପ୍ରଧାନଙ୍କୁ ପଚାରିବାରୁ ନିର୍ମାଣ ହୋଇଥିବା ଓଭରହେଡ୍ ଟାଙ୍କି କମ୍ କ୍ଷମତା ସମ୍ପନ୍ନ ହୋଇଥିବାରୁ ଲୋକଙ୍କ ଆବଶ୍ୟକତା ପୂରଣ କରି ପାରୁନାହିଁ। ଅଧିକ କ୍ଷମତା ସମ୍ପନ୍ନ ଓଭରହେଡ ଟାଙ୍କି ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହା ମଞ୍ଜୁର ହେଲେ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

**ଖପ୍ରାଖୋଲ:** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା-ଯୁରିଆ ରାସ୍ତାର ବାଂଜିପାଲି ମାଲପଡା ବୁଲାଣିରେ ବୁଧବାର ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାହାଲଭଟଲି ଗାଁର ଅଭିରାଜ ଓରଫ ଡୁଡୁ ନାଗ (୨୧)। ଗୁରୁତର ଅମନ ଶିକା (୨୬)ଙ୍କୁ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିରାଜ ଏବଂ ଅମନ୍ ବାଇକରେ ନିଜ ଗାଁରୁ ଖପ୍ରାଖୋଲ ପଟକୁ ଆସୁଥିବାବେଳେ ସାମନା ପଟୁ ଆସୁଥିବା ଟ୍ରକ୍ (ନଂ ଓଡି ୧୫ ଏନ୍ ୧୯୪୧)ତାଙ୍କୁ ଧକ୍କା ହେଇଥିଲା। ପୋଲିସ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଜବତ ହୋଇଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ବାଳକ ମୃତ

**ଜୁନାଗଡ,୧୮।୧୧(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁରେ ବୁଧବାର ପୋଖରୀକୁ ଗାଧୋଇଥିବାବେଳେ ପାଣିରେ ବୁଡି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନର୍ଲା ବ୍ଲକ କଦମଗୁଡା ଗ୍ରାମର ଆୟୁଷ ପ୍ରଧାନ(୭)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆୟୁଷ ଆଟିଗାଁ ସ୍ଥିତ ନିଜ ପିଉସା ଘରକୁ ଆସିଥିଲେ। ମଧ୍ୟାହ୍ନରେ କେତେକ ପିଲାଙ୍କ ସହ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ପାଣି ଭିତରକୁ ଚାଲି ଯାଇ ଆଉ ଫେରି ପାରି ନ ପାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୦)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ବିଦ୍ୟୁତ୍ ତାର ଛିଣ୍ଡି ଧାନଖରି, ପାଳଗଦା ଜଳିଗଲା

**ଖଡିଆଳ, ୧୮।୧୧ (ଡି.ଏନ.ଏ.) :** ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ସାନଦୋହେଲ ଗାଁରେ ଜଗଦିଶ ଗହିର ଜଣେ ଚାଷୀଙ୍କ ଧାନ ଖଳାରେ ବୁଧବାର ବିଦ୍ୟୁତ୍ ତାର ଛିଣ୍ଡି ପଡିବାରୁ ଖରିରେ ନିଆଁ ଲାଗି ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ପୂର୍ବାହ୍ନ ୧୦ଟାରେ ଜଗଦିଶ ଖଳାରେ ଥ୍ରେସର ମେଶିନରେ ଶ୍ରମିକଙ୍କୁ ନେଇ ଧାନ ମଡାଇବା କାମ କରୁଥିଲେ। ଧାନ ଖଳା ଉପରେ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ ଛିଣ୍ଡି ପଡିବାରୁ ଧାନ ଖରି ଓ ପାଳଗଦାରେ ନିଆଁ ଲାଗି ଯାଇଥିଲା। ଫଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ ସେଠାରେ କାମ କରୁଥିବା ଚାଷୀଙ୍କ ପରିବାର ଓ ଶ୍ରମିକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଲୋକମାନେ ଖଡିଆଳ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

### ଦୁର୍ଘଟଣାରେ ମୃତ ଯୁବକଙ୍କ ପରିଚୟ ମିଳିଲା

**ଜୁନାଗଡ,୧୮।୧୧(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ବୁଧବାର ଉଭୟଙ୍କ ପରିଚୟ ମିଳିଛି। ମୃତକ ହେଲେ ଜୁନାଗଡ ବ୍ଲକ ପିପଲଗୁଡା ଗ୍ରାମର ପୀତାମ୍ବର ବେମାଲ(୩୫) ଓ ଗୁରୁତର ହେଲେ ଖୁଟୁଲୁଗୁଡା ଗ୍ରାମର କର୍ଏଁରୁ ମାଝି। ଉଭୟେ ଜୁନାଗଡରୁ ବାଇକ (ନଂ.ଓଡି୦୮ଡି-୯୭୯୬)ରେ ଘରକୁ ଫେରୁଥିବାବେଳେ ମାଟିଗାଁ ନିକଟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୀତାମ୍ବରଙ୍କ ମୃତ୍ୟୁ ଘଟିଥିବାବେଳେ କର୍ଏଁରୁ ଗୁରୁତର ହୋଇଥିଲେ।

### ଗାଁ କଲ୍ୟାଣ ସମିତି ପାଣ୍ଠିର ହେଉନି ବିନିଯୋଗ

**ଦେଓଗାଁ,୧୮।୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତର ସଦର ଗାଁ ଗୌରଗୋଠରେ ଗାଁ କଲ୍ୟାଣ ସମିତି ପାଣ୍ଠିର ବିନିଯୋଗ ହେଉନାହିଁ। ଗତ ୨ବର୍ଷ ହେବ ୨୫ହଜାର ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀ ନିଜ କାର୍ଯ୍ୟରୁ ଅବ୍ୟାହତି ନେବାପରେ ବିଭାଗ ତରଫରୁ ଏହାର ବିନିଯୋଗ ପାଇଁ କାହାକୁ ଦାୟିତ୍ୱ ଦିଆଯାଇନାହିଁ । କରୋନା ସଚେତନତା ତଥା ମାସ୍କ ଓ ସାନିଟାଇଜର ଆଦି ଉପକରଣ ବଣ୍ଟନ ପାଇଁ ଆସିଥିବା ଅର୍ଥ ମଧ ବିନିଯୋଗ ହୋଇପାରିନାହିଁ। ଆଜି ପର୍ଯ୍ୟନ୍ତ ଗାଁ କଲ୍ୟାଣ ସମିତିର କୌଣସି ସୂଚନା ଫଳକ ମଧ ଗାଁରେ ଲଗାଯାଇ ନାହିଁ। ଏ ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆଙ୍କୁ ପଚାରିବାରୁ ଏ ନେଇ କୌଣସି ଅଭିଯୋଗ ପାଇନାହୁଁ। ଅଭିଯୋଗର ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଉପରେ ଶାନ୍ତ, ଭିତରେ କୁହୁଳୁଛି

**ବରଗଡ଼ ଅଫିସ୍/ଭେଡ଼େନ, ୧୮।୧୧ (ଡି.ଏନ.ଏ.)**


ଭେଡ଼େନ ଥାନା ଆଗରେ ମୃତକଙ୍କ ପରିବାର, ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ଭେଡ଼େନ ଥାନା ଉତ୍ତେଜନା ଘଟଣା**
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା ଜାରି
- ଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୋଲିସ ମୁତୟନ
- ୨ ମାମଲା ରୁଜୁ କରି ନଜର ରଖିଛି ପୋଲିସ

ବରଗଡ଼ ଜିଲା ଭେଡ଼େନ ଥାନା ବୁର୍ଦ୍ଧା ଗ୍ରାମର ଜିତୁ ନାଏକ ହତ୍ୟା ମାମଲାକୁ ନେଇ ମଙ୍ଗଳବାର ସଂଘଟିତ ପୋଲିସ-ଗ୍ରାମବାସୀ ଧସ୍ତାଧସ୍ତି ଘଟଣା ଏବେ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ଦିନକ ପରେ ଘଟଣାଟି ଶାନ୍ତ ଜଣାପଡୁଥିଲେ ସୁଦ୍ଧା ଏହାକୁ ନେଇ ଉତ୍ତେଜନା ଜାରି ରହିଛି । ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଜିତୁଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଥାନା ସମ୍ମୁଖରେ ଧାରଣା ଜାରିରଖିଛନ୍ତି । ବରଗଡ଼ ଏସ୍‌ପି ଏଠାକୁ ଆସି ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ନେଇ ଠୋସ୍ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସି ରହିବେ ବୋଲି କହିଛନ୍ତି। ଅନ୍ୟପଟେ ଚାପା ଉତ୍ତେଜନା ଲାଗି ରହିଥିବା ଯୋଗୁ ଏସ୍‌ପି ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଭେଡ଼େନରେ ମୁତୟନ ଅଛନ୍ତି। ମଙ୍ଗଳବାର ସଂଘଟିତ ଘଟଣାକୁ ନେଇ ୨ଟି ମାମଲା ରୁଜୁ ହୋଇଥିବା ଡିଏସପି ସାହୁ କହିଥିବା ବେଳେ ସେ ସମ୍ପର୍କୀତ ବିସ୍ତୃତ ତଥ୍ୟ ଦେବାକୁ ମନା କରି ଦେଇଥିଲେ।

ପ୍ରକାଶ ଯେ, ଗତ ଜୁଲାଇ ୧୮ ତାରିଖ ବୁର୍ଦ୍ଧା ଗ୍ରାମର ଜିତୁ ନାଏକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା, ତାଙ୍କୁ ଚିହ୍ନଟ କରିପାରି ନାହିଁ। ପୋଲିସର ଏଭଳି ନିଷ୍କ୍ରିୟତା ଯୋଗୁ ମଙ୍ଗଳବାର ମୃତକଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଭେଡ଼େନ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ଦେବାକୁ ଆସିଥିଲେ। ପୋଲିସ ଥାନା ଫାଟକ ନ ଖୋଲିବାରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ତୁମୁଳକାଣ୍ଡ ଘଟିଥିଲା। ଗୋଟିଏପଟେ ଉତ୍ତେଜିତ ଲୋକଙ୍କ ଢେଲାମାଡ଼ ଏବଂ ଅନ୍ୟପଟେ ପୋଲିସର ଲାଠିମାଡ଼ ଯୋଗୁ ଥାନା ପରିସର ରଣକ୍ଷେତ୍ର ପାଲଟିଯାଇଥିଲା। ଉଭୟ ପୋଲିସ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ୨ଜଣ ଲେଖାଏଁ ଆହତ ହୋଇଥିବାବେଳେ ପୋଲିସ ଭ୍ୟାନ ତଥା ବିଭିନ୍ନ ଆସବାବ ପତ୍ର ଭଙ୍ଗାରୁଜା ହୋଇଥିଲା।

## ଗଙ୍ଗା ମୃତ୍ୟୁ ଘଟଣାର ତଦନ୍ତ ଦାବି: ଏସ୍‌ପି ଅଫିସ ଆଗରେ ଧାରଣା

**ବରଗଡ଼ ଅଫିସ୍,୧୮।୧୧**

ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆଁଗୁଡ଼େଶିରା ଗ୍ରାମର ଗଙ୍ଗା ଛୁରିଆ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁର ତଦନ୍ତ ଦାବିରେ ବୁଧବାର ମୃତା ମହିଳାଙ୍କ ପରିବାର ତଥା ପଡ଼ାବାସୀ ଏସପି ଅଫିସ ଆଗରେ ଧାରଣା ଦେଇଥିଲେ। ଏହା ସହିତ ଏ ନେଇ ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବରଗଡ଼ ସଦର ଥାନା ଅନ୍ତର୍ଗତ ସୟାଁ ଗ୍ରାମର ସ୍ୱର୍ଗତ ରବି ଛୁରିଆଙ୍କ ଝିଅ ଗଙ୍ଗା ସୟାଁ ଗ୍ରାମରେ ବିବାହ କରିଥିଲେ। ପରିବାର ଲୋକଙ୍କ ସହମତି ବିନା ତାଙ୍କ ଜଣେ ସମ୍ପର୍କୀୟ କକା ସେହି ବିବାହ କରିଥିଲେ ବୋଲି ଗଙ୍ଗାଙ୍କ ଭାଇ ବାବାଜୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବିଷକ୍ରିୟା ଯୋଗୁ ଗଙ୍ଗାଙ୍କ ଭୀମସାର୍ ବୁର୍ଲାରେ ମୃତ୍ୟୁ ଘଟିଥିବାବେଳେ ସେ ସମ୍ପର୍କରେ ଶାଶୁଘର ଲୋକେ ତାଙ୍କୁ କିଛି ଜଣାଇ ନ ଥିଲେ। ତଥାପି ଗତ ୧୫ ତାରିଖରେ ମୃତଦେହ ଆଣିବା ପାଇଁ ବୁର୍ଲା ଯାଇଥିବାବେଳେ ତାଙ୍କ କକା କିମ୍ବା ମୃତା ମହିଳାଙ୍କ ଶ୍ୱଶୁର ଘର ଲୋକେ ମୃତଦେହ ଦେବା ତ ଦୂରର କଥା, ଦେଖାଇ ନ ଥିଲେ ବୋଲି ବାବାଜୀ ଅଭିଯୋଗ କରିଛନ୍ତି । ଏହି ମୃତ୍ୟୁ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।


ଗଙ୍ଗା ମୃତ୍ୟୁର ତଦନ୍ତ ଦାବି ନେଇ ଏସପି ଅଫିସ ଆଗରେ ପଡ଼ାବାସୀଙ୍କ ଧାରଣା ।

# କ୍ୟାନ୍‌ସର ହସ୍ପିଟାଲ ଦାବିରେ ତେଜୁଛି ଆନ୍ଦୋଳନ

**ବରଗଡ଼ ଅଫିସ୍,୧୮।୧୧**

ବରଗଡ଼ ଜିଲାରେ କ୍ୟାନସର ହସ୍ପିଟାଲ ସ୍ଥାପନ ଦାବି ନେଇ ପୁଣି ଆନ୍ଦୋଳନ ତେଜୁଛି। ଏହି ଦାବିରେ ମଙ୍ଗଳବାର କୋସଲ ସେନା ବିକ୍ଷୋଭ ଶୋଭାଯାତ୍ରା ସହିତ ଅନଶନକୁ ଓହ୍ଲାଇ ଥିବାବେଳେ ଗୁରୁବାର ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସ୍ପିଟାଲ ଇନ ବରଗଡ଼ ପକ୍ଷରୁ ବରଗଡ଼ ସହରରେ ଚେତାବନୀ ଶୋଭାଯାତ୍ରାର ଡାକରା ଦିଆଯାଇଛି । କ୍ୟାନସର ହସ୍ପିଟାଲ ଦାବି ନେଇ ପୁଣି ଏଭଳି ଆନ୍ଦୋଳନ ବଢ଼ିବାରୁ ଆଗକୁ ଏହା ତୀବ୍ର ହେବା ସମ୍ଭାବନା ରହିଛି ।

ମଙ୍ଗଳବାର କୋସଲ ସେନାର କର୍ମୀମାନେ ଜିଲାପାଳ ଅଫିସକୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଇଥିଲେ । ସେଠାରୁ ଫେରିବା ପରେ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଗାନ୍ଧିମୂର୍ତ୍ତି ନିକଟରେ କୋସଲ ସେନାର ସୁଶାନ୍ତ ମିଶ୍ର ଏବଂ ଶୋଭନ କୁମାର କର୍ଣ୍ଣ ଅନଶନରେ ବସିଛନ୍ତି। କୋସଲ ସେନାର ଅନ୍ୟ କର୍ମୀ ତଥା ବିଭିନ୍ନ ସଙ୍ଗଠନ ସଭ୍ୟବୃନ୍ଦ ଅନଶନକୁ ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ଥିବାବେଳେ ଅନଶନ ଜାରି ରହିଛି। ରାଜ୍ୟର ଅନ୍ୟ ଜିଲା ତୁଳନାରେ ବରଗଡ଼ ଜିଲାରେ କ୍ୟାନସର ରୋଗୀ ତଥା ମୃତକଙ୍କ ସଂଖ୍ୟା ଅଧିକ ବଢ଼ି ଚାଲିଛି। ଫଳରେ ଏଠାରେ ଏକ କ୍ୟାନସର ହସ୍ପିଟାଲ ଦାବି ନେଇ ଜିଲାର ବିଭିନ୍ନ ସଙ୍ଗଠନ ଦାବିପତ୍ର, ଆନ୍ଦୋଳନ ମାଧ୍ୟମରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି । ଏପରିକି ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ଘୋଷଣା କରିସାରି ଥିବାବେଳେ ଏଥିପାଇଁ ଏକ ଟିମ୍ ଏଠାକୁ ଆସି ସର୍ଭେ କରି ଫେରି ଯାଇଛନ୍ତି। ମାତ୍ର କ୍ୟାନସର ହସ୍ପିଟାଲ ସ୍ଥାପନ ନେଇ ଅନ୍ୟ କିଛି ଅଗ୍ରଗତି ହୋଇ ନାହିଁ ଏବଂ ପୁଣି ଜନ ଅସନ୍ତୋଷ ଦେଖାଯାଇଛି ।



କ୍ୟାନ୍‌ସର ହସପିଟାଲ ଦାବି ନେଇ ବରଗଡ଼ ଗାନ୍ଧିଛକରେ କୋସଲ ସେନାର କର୍ମୀମାନେ ଅନଶନରେ ବସିଛନ୍ତି ।

- ଗାନ୍ଧୀଛକରେ କୋସଲ ସେନାର ଅନଶନ ଜାରି
- ଆଜି ବରଗଡ଼ରେ ଚେତାବନୀ ଶୋଭାଯାତ୍ରା

## ଚାଷୀଙ୍କ ଚିନ୍ତା ବଢ଼ାଉଛି ବାର୍‌ହା ଉପଦ୍ରବ

**ଦେଓଗାଁ, ୧୮।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ବର୍ତ୍ତମାନ ବାର୍‌ହା ଉପଦ୍ରବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଧାନଚାଷକୁ ନଷ୍ଟ କରୁଥିବା ବାର୍‌ହା ପଲ ଏବେ ମକା ଓ ପନିପରିବା ଚାଷ ଉପରେ ଦାଉ ସାଧୁଛନ୍ତି । ସୂଚନାନୁସାରେ ଦେଓଗାଁ ସଦର ପଞ୍ଚାୟତ ସୁନାଆରକି ପ୍ରୋଜେକ୍ଟ ଆଖପାଖ ଚାଷ ଜମିରେ ବିଳମ୍ବିତ ରାତିରେ ବାର୍‌ହା ପଲ ଧାନଚାଷ ନଷ୍ଟ କରୁଛନ୍ତି। ଏଥିଯୋଗୁ ଚାଷୀ ରାତିରେ ଗଛରେ ଜଗି ରହୁଛନ୍ତି। ସେହିପରି ଉପରଝର ପଞ୍ଚାୟତ କୁହିମୁଣ୍ଡାରେ ମଙ୍ଗଳବାର ରାତିରେ ଚାଷୀ ଶମ୍ଭୁ ଭୂଷଣ ସାହୁଙ୍କ ମକା ଓ କୋବି ଫସଲକୁ ବାର୍‌ହା ପଲ ନଷ୍ଟ କରିଦେଇଛନ୍ତି। ଚାଷୀଙ୍କ କହିବାନୁସାରେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ବନ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ କିମ୍ବା କ୍ଷତିପୂରଣ ଦିଆଯାଉନାହିଁ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।

## ଧାନ ସଂଗ୍ରହ ପାଇଁ ମଣ୍ଡି ଉଦ୍‌ଘାଟନ

**ଖଡିଆଳ, ୧୮।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଆରଏମସିଠାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ବୁଧବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ମଣ୍ଡି ଉଦ୍‌ଘାଟନ କରାଯାଇଛି । ଯୋଗାଣ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିବା ବେଳେ ଜିଲାପାଳ ସ୍ୱାଧାଦେବ ସିଂ ଚାଷୀଙ୍କଠାରୁ କିପରି ଧାନ ସଂଗ୍ରହ କରାଯାଇଛି ତାହା ଉପରେ ତଦାରଖ କରିଥିଲେ। ଚଳିତବର୍ଷ ୨୦୨୦-୨୧ ପାଇଁ ନୂଆପଡା ଜିଲାକୁ ୮ ଲକ୍ଷ ୭୩ ହଜାର ୫୨୯୪୧ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବା ଲକ୍ଷ୍ୟ ରହିଛି। ପ୍ରଥମ ଦିନ ୧୭ ଜଣ ଚାଷୀଙ୍କୁ ଟୋକନ ଦେଇ ଧାନ ସଂଗ୍ରହ କରାଯିବ ବୋଲି ଯୋଗାଣ ବିଭାଗଠାରୁ ଜଣାପଡ଼ିଛି। ଏଥିରେ ୨୬ଟି ପ୍ୟାକ୍ସ ଓ ୨୨ଟି ଏସଏଚଜି ଗ୍ରୁପ ଥିବା ବେଳେ ଜିଲାରେ ୭୮ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ । ଚଳିତବର୍ଷ ପ୍ୟାକ୍ସରେ ୨୮ ହଜାର ୨୦୯ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୨୧ଟି ଏସଏଚଜି ଗ୍ରୁପରେ ୫୫୩୨ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ସେହିପରି ଚଳିତବର୍ଷ ପାଇଁ ନୂଆପଡା ଜିଲାରେ ମୋଟ ୩୩ ହଜାର ୭୪୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି ଅସାଧୁ ବ୍ୟବସାୟୀ ପଡୋଶୀ ରାଜ୍ୟରୁ ଧାନ ଆଣି ଜିଲାରେ ବିକ୍ରି ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ୩ଟି ସ୍କ୍ୱାର୍ଡ ଗଠନ କରାଯାଇ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡି ଉଦ୍‌ଘାଟନ ସମୟରେ ନୂଆପଡା ଯୋଗାଣ ଅଧିକାରୀ, ସମ୍ପାଦକ ବିହାରୀଲାଲ ଦାସ, ଏଆରସିଏସ ଭିକାରୀ ସେଠଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।


ମଣ୍ଡି ଉଦ୍‌ଘାଟନୀ ଅବସରରେ ଚାଷୀଙ୍କ ସହ ଅଧିକାରୀଙ୍କ ଆଲୋଚନା।

# ବଢ଼ୁଛି ମୁକ୍ତ ରଙ୍ଗମଞ୍ଚ କଳାକାରଙ୍କ ଦୁଃଖ

**ବରଗଡ଼ ଅଫିସ୍,୧୮।୧୧**

- ଶୋଭାଯାତ୍ରାରେ ଜିଲାପାଳଙ୍କୁ ଫେରାଦ୍
- ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ

କରୋନା କଟକଣା ଯୋଗୁ ମୁକ୍ତ ରଙ୍ଗମଞ୍ଚ କଳାକାରଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି। ଫଳରେ ବିଭିନ୍ନ ଦାବି ନେଇ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏକ ଶୋଭାଯାତ୍ରାରେ ଜିଲାପାଳ ଅଫିସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୫ଦଫା ଦାବି କରାଯାଇଛି । କରୋନା କଟକଣା ଯୋଗୁ କଳାକାରଙ୍କ ଆର୍ଥିକ ସ୍ଥିତି ଭୁଷୁଡ଼ି ପଡ଼ିଥିବା ଯୋଗୁ ସେମାନଙ୍କୁ ସହାୟତା ପ୍ରଦାନ ଦାବି ହୋଇଛି। ସେହିପରି ଉପଯୁକ୍ତ ବାତାବରଣ ସୃଷ୍ଟି କରି ମୁକ୍ତ ରଙ୍ଗମଞ୍ଚ ଖୋଲାଯିବା, କଳାକାର ସହାୟତା ଯୋଜନାରେ ସମସ୍ତଙ୍କୁ ସାମିଲ କରି ମାସିକ ଭତ୍ତାକୁ ୩ ହଜାର ଟଙ୍କାକୁ ବୃଦ୍ଧି, ବିଜୁ ପକ୍କାଘର ଯୋଜନାରେ କଳାକାରଙ୍କୁ ସାମିଲ କରିବା ଏବଂ ସ୍ୱାବଲମ୍ବୀ କରିବା ପାଇଁ କଳାକାରଙ୍କୁ ଆର୍ଥିକ ସହାୟତା ତଥା ଋଣ ପ୍ରଦାନ ପାଇଁ ଦାବି କରାଯାଇଛି। ସଂଘ ସଭାପତି ଦୟାନିଧି ପ୍ରଧାନଙ୍କ ନେତୃତ୍ୱରେ ଜଗଦାନନ୍ଦ ମିଶ୍ର, ସୁଶିଲ ମେହେର, ଚୈତନ୍ୟ ପାଇକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।



କଳାକାରମାନେ ଶୋଭାଯାତ୍ରାରେ ଜିଲାପାଳ ଅଫିସକୁ ଯାଉଛନ୍ତି ।

## ଭାଡିଦର ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିର ପ୍ରତିବାଦ

**ରେଢାଖୋଲ ୧୮।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଭାଡିଦର ପ୍ରାଥମିକ ବିଦ୍ୟାଳୟକୁ କମ୍ ବିଦ୍ୟାର୍ଥୀ ଥିବା ଦର୍ଶାଇ ସରକାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସ୍କୁଲର ପିଲାଙ୍କୁ ବଂଶାଜାଲ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଏହାର ପ୍ରତିବାଦ କରିଛନ୍ତି ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର। ବୁଧବାର ସେମାନେ ଉପଜିଲ୍ଲାପାଳ ପଦ୍ମନାଭ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିଷ୍ପତ୍ତିର ପରିବର୍ତ୍ତନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଭାଡିଦର ଗ୍ରାମଠାରୁ ବଂଶାଜାଲ ବିଦ୍ୟାଳୟର ଦୂରତା ୫ କିମି। ସୁରୁବାଲି ଜୋର ଯାତାୟାତରେ ପ୍ରତିବନ୍ଧକ ସାଜିଛି। ଗ୍ରାମବାସୀଙ୍କ ସହ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବଂଶାଜାଲ ସମବାୟ ସମିତି ସଭାପତି ଲକ୍ଷଣ ପ୍ରଧାନ, ଜଗନ୍ନାଥ ଦେହୁରୀ, ୱାର୍ଡ ସଭ୍ୟ ଶେଷଦେବ ମିର୍ଦ୍ଧା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଖପ୍ରାଖୋଲ ବ୍ଲକରେ ଧାନମଣ୍ଡି ଉଦ୍‌ଘାଟିତ


ଉପଜିଲାପାଳ ସୋମନାଥ ପଧାନ ଯୁରିଆ ମଣ୍ଡି ଉଦ୍‌ଘାଟନ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି।

**ଖପ୍ରାଖୋଲ, ୧୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ କୃଷି ସମବାୟ ସମିତିରେ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ଲୁହାସିଂହା ସମବାୟ ସମିତି ଯୁରିଆଠାରେ ପାଟଣାଗଡ ଉପଜିଲାପାଳ ସୋମନାଥ ପଧାନ ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ଏଆରସିଏସ୍ ସିଦ୍ଧାର୍ଥ ଶଙ୍କର ମିଶ୍ର, ବ୍ଲକ ଯୋଗାଣ ନିରୀକ୍ଷକ ରାଜରାମ ହୋତା, ଲରମ୍ବା ଥାନା ଆଇଆଇସି ବିନୋଦ ବିହାରୀ ନାଏକ, ସମବାୟ ସମିତି ସମ୍ପାଦକ ଜଗଦୀଶ ରଣା, ଡିଇଓ ଯଦୁମଣି ରଣା, ଚାଷୀ ନେତା ଯତି ପଧାନ, କନ୍ଦର୍ପ ସୁଆର, ସନ୍ତୋଷ ପଟେଲ ପ୍ରମୁଖ ଚାଷୀ ଯୋଗ ଦେଇଥିଲେ। ସେହିପରି ବ୍ଲକର ଧଣ୍ଡାମୁଣ୍ଡା ଏବଂ ଖପ୍ରାଖୋଲ କୃଷି ସମବାୟ ସମିତିରେ ମଧ୍ୟ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଧଣ୍ଡାମୁଣ୍ଡା ସମ୍ପାଦକ ବଂଶୀଧର ପଧାନ, ଚାଷୀ ନେତା ଦେବକାନ୍ତ ପାଣିଗ୍ରାହୀ, ରାମ ପଟେଲ, ଖପ୍ରାଖୋଲ ସମ୍ପାଦକ ଶ୍ରୀପତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# କାମ ଆରମ୍ଭ ନ ହେଉଣୁ ବିବାଦ

**ଅମରପାଲି,୧୮।୧୧(ଡି.ଏନ.ଏ.)**

**ପିତାମହୁଲ ପଞ୍ଚାୟତରେ ଗ୍ରାମ୍ୟ ପାର୍କ ନିର୍ମାଣ ପ୍ରସଙ୍ଗ**
- କାର୍ଯ୍ୟାଦେଶ ଗୋଟିଏ ଗାଁ ଲାଗି, ସୂଚନା ଫଳକ ଲାଗିଛି ଅନ୍ୟ ଗାଁରେ
- ସୂଚନା ଫଳକରେ ବି ଭୁଲ ତଥ୍ୟ ଉଲ୍ଲେଖ
- ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

ସରକାରୀ ଅନୁଦାନରେ ହେବାକୁ ଥିବା କାମ ଆରମ୍ଭ ନ ହେଉଣୁ ହେଲାଣି ଅଭିଯୋଗ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଗୋଟିଏ ଗ୍ରାମରେ ଗ୍ରାମ୍ୟ ପାର୍କ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବା ବେଳେ ଏବେ ଅନ୍ୟ ଏକ ଗ୍ରାମରେ ସମାନ କାର୍ଯ୍ୟର ସୂଚନା ଫଳକ ଲାଗିଥିବାରୁ ଏପରି ପରିସ୍ଥିତି ଉପୁଜିଛି । ଏହାର ପ୍ରତିବାଦ କରି ସମ୍ପୃକ୍ତ ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଡୁଲେଶ୍ୱରସ୍ଥିତ ରାଧାମୋହନ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ନିକଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମ୍ୟ ପାର୍କ ନିର୍ମାଣ ପାଇଁ ଗତ ପଲ୍ଲିସଭାରେ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବ ମଞ୍ଜୁର ହୋଇ ପ୍ରାୟ ୯ଲକ୍ଷ ୮୨ ହଜାର ୯୭ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଯାଏ ଏହାର ନିର୍ମାଣ କାମ ଡୁଲେଶ୍ୱର ହାଇସ୍କୁଲ ଖେଳପଡିଆ ପାଖରେ ଆରମ୍ଭ ହୋଇନାହିଁ। ମାତ୍ର ବର୍ତ୍ତମାନ ଉକ୍ତ କାର୍ଯ୍ୟର ନାମ ଫଳକ ପିତାମହୁଲ ପଞ୍ଚାୟତର ଚୌହାନପୁର (ମାଳିଦାଦର) ମାତା ମଠଠାରେ ନିର୍ମାଣ କରାଯାଇଛି। ନାମଫଳକରେ ଡୁଲେଶ୍ୱରର ନାମ ଲେଖାଯାଇ କିପରି ଚୌହାନପୁରରେ ଫଳକ ଲଗାଯାଇଛି ତାହା ତଦନ୍ତ କରାଯାଉ ବୋଲି ଡୁଲେଶ୍ୱର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ପାର୍କ ନିର୍ମାଣ ପାଇଁ ଏମଜିଏନଆଇଇଜିଏସ୍‌ରେ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରାୟ ୯ ଲକ୍ଷ ୮୨ ହଜାର ୯୭ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ନାମଫଳକରେ ବ୍ୟୟ ଅଟକଳର ପରିମାଣ ମାତ୍ର ୯୮ ହଜାର ୨୯୭ ଟଙ୍କା ସୂଚନା ଦିଆଯାଇଛି। ଏହାର ତଦନ୍ତ କରାଯାଇ ମଞ୍ଜୁର ହୋଇଥିବା ଅର୍ଥରେ ଗ୍ରାମରେ ପାର୍କ ନିର୍ମାଣ କରାଯିବାକୁ ଡୁଲେଶ୍ୱର ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ କହିଛନ୍ତି, ଡୁଲେଶ୍ୱର ଗାଁରେ ପାର୍କ ନିର୍ମାଣ ପାଇଁ ଆବଶ୍ୟକ ଜମି ମିଳିନାହିଁ । ତେଣୁ ପାଖ ଗାଁରେ ଫଳକ ଲଗାଇ ଦିଆଯାଇଛି । ପାର୍କ ପାଇଁ ଜମି ଚିହ୍ନଟ ହେଲେ ଡୁଲେଶ୍ୱର ଗ୍ରାମରେ ପାର୍କ ନିର୍ମାଣ କାମ ଆରମ୍ଭ ହେବ ।



ଚୌହାନପୁର ମାତା ମଠ ନିକଟରେ ଲାଗିଥିବା ସୂଚନା ଫଳକ ।

## ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ

ବିନିକା: ମଙ୍ଗଳବାର ରାତିରେ ବିନିକା ବ୍ଲକ ବିଶାଳପାଳି ଛକ ନିକଟରେ ଥିବା ସତ୍ୟବାନ ପଧାନ(୩୨)ଙ୍କ ଦୋକାନରେ ଗ୍ୟାସ ସିଲିଣ୍ଡର ଫାଟିଯାଇ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଛି । ସେ ଚା ବିକିବା ସହ ଗ୍ରୋସରୀ ଦୋକାନ କରିଥିଲେ । ଖବର ପାଇ ବିନିକାରୁ ନିଆଁଲିଭାଳି ଦଳ ଆସି ନିଆଁକୁ ଆୟତ୍ତ କରିଥିଲେ ।

# ଲେମନ୍ ଗ୍ରାସ୍‌ରୁ ତୈଳ ଉତ୍ପାଦନ ଆରମ୍ଭ

**ସୋନପୁର,୧୮।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଲେମନ ଗ୍ରାସ(ଧନ୍ୱନ୍ତରୀ ଘାସ) ଚାଷ ଆରମ୍ଭ ପରେ ବୁଧବାର ପ୍ରଥମ ଥର ପାଇଁ ତୈଳ ଉତ୍ପାଦନ ଆରମ୍ଭ ହୋଇଛି । ଜିଲାପାଳ ମୋନିଷା ବାନାର୍ଜୀ ଏହି ତୈଳ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପିଡି ଡିଆରଡିଏ ଡୋଲାମଣି ପଟେଲ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନି ନାଗ, ସୋନପୁରର ଭାରପ୍ରାପ୍ତ ବିଡିଓ ଶଶି ଭୂଷଣ ପଧାନ, ଉପନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ରମେଶ ଚନ୍ଦ୍ର ଦେହୁରୀ, ଓଏଲଏମର ଯୁବରାଜ ସାହୁ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ନାୟକ, ଏପିଡି ପ୍ରଶିକ୍ଷଣ ଶୈବାଳିନୀ ପଟ୍ଟନାୟକ ଓ ପ୍ରଶିକ୍ଷିକା ପ୍ରମିଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶ ଯେ, ଜିଲାପାଳ ବାନାର୍ଜୀଙ୍କ ଉଦ୍ୟମ କ୍ରମେ ସଦର ବ୍ଲକ ଲକର୍ମା ଗାଁରେ ଥିବା ୨୩.୨୦ ହେକ୍ଟର ପଡିଆ ଜମିରେ ଗତ ଫେବୃୟାରୀ ମାସରେ ଘାସ ଚାରା ରୋପଣ ହୋଇଥିଲା । ଚାଷୀଙ୍କ ସୁବିଧା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଁରେ ୧୫ଲକ୍ଷ ଟଙ୍କା ବ୍ୟୟରେ ଲେମନ୍ ଗ୍ରାସ ତୈଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ୩୬ ଜଣ ଚାଷୀ ନିଜ ଅବ୍ୟବହୃତ ପଡିଆ ଜମିରେ ଏହି ଚାଷ କରିଛନ୍ତି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ଏହି କାର୍ଯ୍ୟ ସମ୍ପାଦିତ ହେଉଛି। ସରକାରଙ୍କ ପକ୍ଷରୁ ଜମି ପ୍ରସ୍ତୁତି ସହ ଚାରା ଓ ଖତ ସାର ଯୋଗାଇ ଦିଆଯାଇଛି। ସେହିପରି ଚାଷୀ ଏହି ଚାଷରେ ନିୟୋଜିତ ହୋଇ ଏମଜିଏନଆରଇଜିଏସ୍‌ରେ ମଜୁରି ପାଉଛନ୍ତି। ୩୦ଜଣ ମହିଳା ଚାଷୀଙ୍କୁ ନେଇ ମା' ଗ୍ରାମପତି ଲେମନ୍ ଗ୍ରାସ୍ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଛି। ଓରମାସ, ମିଶନ ଶକ୍ତି ଓଡିଶା ଜୀବିକା ମିଶନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଛି। ଦେଶ ବିଦେଶରେ ଲେମନ ଗ୍ରାସ ତେଲର ବହୁତ ଚାହିଦା ରହିଛି। ଲିଟର ୧୦୦୦ରୁ ୧୨୦୦ଟଙ୍କାରେ ବିକ୍ରି ହେଉଛି। ତେଣୁ ପଡିଆ ଜମିରେ ଚାଷୀମାନେ ଏହି ଘାସ ଚାଷ କରି ଲାଭବାନ ହେବା ସହ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ପାଲଟିବେ। ଜିଲାରେ ଏହି ଚାଷର ପ୍ରସାର ଘଟିବ ଓ ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ପ୍ରଶାସନ ଆଶା ରଖିଛି। ତୈଳ ଉତ୍ପାଦନ କେନ୍ଦ୍ରର ଉଦ୍‌ଘାଟନ ଅବସରରେ ଜିଲାପାଳ ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏହି ଘାସ ଲଗାଇବାର ୯୦ ଦିନ ପରେ ପ୍ରଥମ ଥର ପାଇଁ କଟା ହେବ। ତା ପରେ ୪୫ ଦିନ ଅନ୍ତରରେ ଘାସ କଟା ଚାଲିବ। ଏହି ଘାସରେ ରୋଗପୋକ ଲାଗିବନି, ଗୋରୁ ଗାଈ ଏହି ଘାସ ଖାଇବେନି କିମ୍ବା ଚୋରର ଭୟ ନାହିଁ । ଘାସରୁ ତେଲ ବାହାର କରାଗଲା ପରେ ଏହାକୁ ଗୋ ଖାଦ୍ୟ ଭାବେ ଓ ଜାଳେଣି ଭାବେ ବ୍ୟବହାର କରାଯାଇପାରିବ। ଏହା ଗ୍ରାମାଞ୍ଚଳର ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ବାନାର୍ଜୀ କହିଥିଲେ। ଲେମନ୍ ଗ୍ରାସ ଉପରେ କାର୍ଯ୍ୟ କରୁଥିବା ଫିଟୋ ବାଓକ୍ସ ମେନୁଫେକ୍ଚର ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍ ଡି ସନ୍ତୋଷ କୁମାର ଦାସ କହିଥିଲେ ଥରେ ଏହି ଘାସ ଲଗାଇଲେ ଏକର ପ୍ରତି ବାର୍ଷିକ ସର୍ବନିମ୍ନ ୧ଲକ୍ଷ ଟଙ୍କାର ଲେମନ ଗ୍ରାସ ତେଲ ମିଳିବ। ଏହି ତେଲ ଲିଟର ପ୍ରତି ସର୍ବନିମ୍ନ ୧ହଜାର ଟଙ୍କାରେ ବିକ୍ରି ହେବ । ଚାଷୀ ୭ ବର୍ଷ ପର୍ଯ୍ୟନ୍ତ ବିଶେଷ ପରିଶ୍ରମ ନ କରି ପଡିଆ ଜମିରେ ଭଲ ରୋଜଗାର କରିବ ବୋଲି ବୁଝାଇଥିଲେ। ୬୦ ହେକ୍ଟର ଜମିରୁ ବାହାରିବାକୁ ଥିବା ଘାସ ପେସି ତେଲ ବାହାର କରିବା ପାଇଁ ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା ହୋଇଛି ବୋଲି ସୂଚନା ଦେଇଥିଲେ। ବିକ୍ରିର ସମସ୍ୟା ନ ଥିବାରୁ ଏହି ଚାଷ ପାଇଁ ଚାଷୀଙ୍କ ମନରେ ଉତ୍ସାହ ସୃଷ୍ଟି ହୋଇଥିବା ଲକର୍ମାସ୍ଥିତ ମା' ଗ୍ରାମପତି ଲେମନ ଗ୍ରାସ ଉତ୍ପାଦକ ଗୋଷ୍ଠୀର ସଭାନେତ୍ରୀ ଲକ୍ଷ୍ମୀ ବଗର୍ତ୍ତି ଓ ସମ୍ପାଦିକା ସତ୍ୟବତୀ ଝାଙ୍କର କହିଛନ୍ତି । ଚଳିତବର୍ଷ ବୀରମହାରାଜପୁର ବ୍ଲକର ଖଣ୍ଡହତା, କେଁଟରିଆପାଲି ଓ ତେଲିପାଲି ଗ୍ରାମର ୨୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଏହି ଘାସ ଚାଷ କରା ଯାଇଥିବା ସୂଚନା ଦିଆ ଯାଇଥିଲା।



ଜିଲାପାଳ ମୋନିଷା ବାନାର୍ଜୀ ତୈଳ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**ସୁବର୍ଣ୍ଣପୁର ଜିଲା**
- ପଡିଆ ଜମିରୁ ଲାଭବାନ ହେବେ ଚାଷୀ
- ପୋକ ଲାଗିବନି, ଗାଈ ଖାଇବନି
- ଲିଟର ପିଛା ୧ ହଜାରରୁ ୧୨ ଶହ ଟଙ୍କାରେ ବିକ୍ରି

## ଧାର୍ମିକ କାର୍ଯ୍ୟରେ ସରକାରଙ୍କ ଦୋମୁହାଁ ନୀତିକୁ ବିରୋଧ

**ସମ୍ବଲପୁର, ୧୮।୧୧ (ବ୍ୟୁରୋ)**

ରାଜ୍ୟ ସରକାର ଧାର୍ମୀକ ଅନୁଷ୍ଠାନ ଓ କାର୍ଯ୍ୟକ୍ରମରେ କରୋନା କଟକଣା ଲଗାଇଛନ୍ତି। ହେଲେ ରାଜ୍ୟରେ ଦୁଇଟି ଉପନିର୍ବାଚନରେ କଟକଣା ଫୁ କରି ଦିଆଯାଇଥିଲା। ବିଜେଡି ନେତା ଓ କର୍ମକର୍ତ୍ତାମାନେ କଟକଣା ପାଳନ କରୁ ନ ଥିବା ଦେଖାଯାଇଥିଲା ବୋଲି ଭାଜପା ଜିଲା ସଭାପତି ଗିରିଶ ପଟେଲ କହିଛନ୍ତି। ସମ୍ବଲପୁର ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଛଟ ପୂଜା ପାଇଁ ନିୟମ କୋହଳ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଛଟ ପୂଜା କ୍ରିୟାନୁଷ୍ଠାନ କମିଟି ବିହାରୀ ପଡାର ଶିବଲାଲ ସାହାଣୀ, ମଙ୍ଗଳ ଚୌଧୁରୀ, ମୁନା ତିୱାରୀ, ଶିବଶମ୍ଭୁ ଯାଦବ, ମନୋଜ ସିଂ, ମାନସରଞ୍ଜନ ବକ୍ସି, ଶିବ ଦିୱାନ, ନୀଳାମ୍ବର ସିକନ୍ଦର, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଲି ବୋଝେଇ ଟ୍ରାକ୍ଟର ଜବତ,୨ ଗିରଫ

**କୁଆଁରମୁଣ୍ଡା,୧୮।୧୧(ଡି.ଏନ୍.ଏ.)-** ସୁନ୍ଦରଗଡ଼ ଜିଲା ରାଏବେଗା ଥାନା ଅଧୀନ ଲୁଡୁକି ନଦୀରୁ ବେଆଇନ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର(ନଂ.ଓଡି୦୩ଏନ୬୪୭୮)କୁ ପୋଲିସ ମଙ୍ଗଳବାର ଜବତ କରିଛି । ଏହି ଘଟଣାରେ ଟ୍ରାକ୍ଟର ଚାଳକ ଜୟଡେଗା ପଞ୍ଚାୟତ ପୁରୁଣାପାଣି ଗ୍ରାମର ଯାମରିଚ୍ କିରୋ(୨୯) ଓ ଟ୍ରାକ୍ଟର ମାଲିକ କାଦୋବାହାଲ ଗିର୍ଜାଟୋଲିର ଜିଓନ କୁଜୁର(୩୦)ଙ୍କୁ ପୋଲିସ ଗିରଫ କରିଛି । କେସ ନଂ.୧୦୦/୨୦ ।

### ଧାନ ଅମଳ ଦିବସ ପାଳିତ

**କର୍ଲାମୁଣ୍ଡା, ୧୮।୧୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିଶାଖାଲ କେନ୍ଦୁପଡାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସଏସଏସ) ସଂସ୍ଥା ପକ୍ଷରୁ ବୁଧବାର ଧାନ ଅମଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଭାକାରି ଗଉଡ, ଶିଶାଖାଲ ଗ୍ରାମ୍ୟ ଉନ୍ନୟନ ସମିତି ସଭାପତି ବଳରାମ ବାଗ, ସମ୍ପାଦିକା ନିଳେନ୍ଦ୍ରୀ ସାହୁ, ଗାଁ ଜାନି ଛିନୁ ମାଝି, ଚନ୍ଦ୍ରମଣୀ ମାଝି, ତ୍ରିଲୋଚନ ମାଝି, ଇନ୍ଦୁମତି ମାଝି, ବିଜାଘାଟ ଗ୍ରାମ୍ୟ ଉନ୍ନୟନ ସମିତି ସଭାନେତ୍ରୀ ମମତା ମାଝି, ସିଲେଟପଡା ଭିଡିସି ସଭ୍ୟ ଧନୁର୍ଯ୍ୟ ସାହୁ, ଦ୍ରୋଣ ସାହୁ, ଜଳନ୍ଧର ଭୋଇ, ସଂସ୍ଥା କର୍ମୀ ପ୍ରଦୀପ ସାହୁ, ଜଗଦିଶ ରଣା ପ୍ରମୁଖ ଉପସ୍ଥିତ ରହି ଧାନ ଅମଳ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ହେମନ୍ତ ସାହୁ, ଜୀବରଧନ ସାହୁ ସହଯୋଗ କରିଥିଲେ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

**ନାକଟିଦେଉଳ, ୧୮।୧୧(ଡ଼ି.ଏନ.ଏ.)** ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ବୁଧବାର ନାକଟୀଦେଉଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ କିସିଣ୍ଡା ବସଷ୍ଟାଣ୍ଡଠାରେ ଏକ ହାଇମାଷ୍ଟ ଲାଇଟକୁ ସେ ଉଦ୍‌ଘାଟନ କରିଥଲେ। ପରେ ଗିରିଶ୍ଚନ୍ଦ୍ରପୁର ସରକାରୀ ସେବାଶ୍ରମ ହାଇସ୍କୁଲ ଛାତ୍ରାବାସରେ ଏକ ଭୋଜନାଳୟ ତାଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେହିପରି କଞ୍ଚନପୁର ଏବଂ ବାଟଗାଁ ଗ୍ରାମରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଗୋଷ୍ଠୀ ଗୃହ ବିଧାୟକଙ୍କଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ନାକଟିଦେଉଳ ଥାନା ପରିସରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ରିସିପସନ ହଲ ଉଦଘାଟିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବିଡ଼ିଓ ବିବେକାନନ୍ଦ ସାହୁ, ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ ପ୍ରମୁଖ ଯୋଦେଇଥଲେ।

### ଝୁଝୁମୁରା ବ୍ଲକ ବିଜେଡି ଛାତ୍ର ସଭାପତି ଚୟନ



**ସମ୍ବଲପୁର,୧୮।୧୧ (ବ୍ୟୁରୋ):** ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବିଜେଡି ଛାତ୍ର ସଭାପତି ଭାବେ ଜିତୁ ଚଇନିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଦଳର ସଭାପତି ନବୀନ ପଟ୍ଟନାୟକ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ଜିତୁ ଏହି ପଦ ପାଇବା ପରେ ଝୁଝୁମୁରା ଅଞ୍ଚଳରେ ଯୁବଗୋଷ୍ଠୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।

### ଭାଜପାର ସଙ୍ଗଠନିକ ବୈଠକ

**ଦେଓଗାଁ,୧୮।୧୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଶୁଲିଆପାହାଡ ପାଦଦେଶରେ ବୁଧବାର ୧୩ନଂ ଜୋନର ୬ଟି ପଞ୍ଚାୟତକୁ ନେଇ ଭାଜପାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏମ୍‌ପି ଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା ବୈଠକରେ ଯୋଗଦେଇ ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଦଳୀୟ ସଂଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହୀତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିବା ଦିଗରେ ତତ୍ପର ହେବାପାଇଁ ପରାମର୍ଶ ଦିଆଯାଇଥିଲା ।

## ଆର୍‌ଡିସି ଅଫିସ ସମ୍ମୁଖରେ ଆପ୍‌ର ବିକ୍ଷୋଭ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ସ୍କୁଲ ବନ୍ଦ ପ୍ରତିବାଦ, ଉତ୍ତମ ଓ ସାର୍ବଜନୀନ ଶିକ୍ଷା ଦାବୀ ନେଇ ଆମ ଆଦମି ପାର୍ଟି (ଆପ୍) ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନ ଅଫିସ ସମ୍ମୁଖରେ ଧାରଣା ଓ ଅପରାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀ ଓ ନେତାମାନେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିକୁ ବିରୋଧ କରିଥିଲେ। ଏହାପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧି ଦଳ ଆରଡିସି ନିରଞ୍ଜନ ସାହୁଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସଂପ୍ରତି ରାଜ୍ୟ ସରକାର ଅଳ୍ପ ସଂଖ୍ୟକ ଛାତ୍ରୀଛାତ୍ର ପାଠ ପଢୁଥିବା ବାହାନାରେ ସ୍କୁଲ ଗୁଡିକ ବନ୍ଦ କରୁଛନ୍ତି। ଏହା ରାଜନୈତିକ ଚକ୍ରାନ୍ତ ଅଟେ ବୋଲି ଆନ୍ଦୋଳନକାରୀମାନେ ବିକ୍ଷୋଭ ସଭାରେ କହିଥିଲେ । ବରଗଡ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ବଲାଙ୍ଗୀର ଜିଲା ଆବାହକ ଆଶିଷ ପାଣ୍ଡେ, ସୁନ୍ଦରଗଡ ଜିଲା ଆବାହକ ବାସିଲ ଏକ୍କା, ସମ୍ବଲପୁର ଜିଲା ଆବାହକ ଆନନ୍ଦ ସାମଲ, ଝାରସୁଗୁଡ଼ା ଜିଲା ଆବାହକ ଦୁଷ୍ମନ୍ତଲାଲ ଚନ୍ଦନୀ, ଦେବଗଡ଼ ଆବାହକ ବିଜୟ ପ୍ରଧାନ, ସମ୍ବଲପୁର ମହିଳା ନେତ୍ରୀ ରୀତା ଅଗ୍ରୱାଲ, ରାଜ୍ୟ ସମ୍ପାଦକ ବିନୟ ତିୱାରୀ, ଅମିତାଭ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ଜିଲା ସମ୍ପାଦକ ଭୂପେନ ସାହୁ, ଶିବ କୁମାର, ଅନ୍ତର୍ଯ୍ୟାମୀ ପ୍ରଧାନ, ମହମ୍ମଦ ଫାରୁଖ, ବୀରେନ୍ଦ୍ର ପାଣିଗ୍ରାହୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।


ଆରଡିସି ଅଫିସ ସମ୍ମୁଖରେ ଆପ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

- ଉତ୍ତମ, ସାର୍ବଜନୀନ ଶିକ୍ଷା ଦାବି
- ପଶ୍ଚିମ ଓଡିଶା ବିଭିନ୍ନ ଜିଲାର କର୍ମୀ ସାମିଲ

## ଖବରଦାତା ପରିଚୟ ଦେଇ ଟଙ୍କା ଦାବି

**୨ ଗିରଫ,କୋର୍ଟ ଚାଲାଣ**

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ପୋଲିସ ଖବରଦାତା ପରିଚୟ ଦେଇ ଟଙ୍କା ଦାବି କରୁଥିବା ଅଭିଯୋଗରେ ୨ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବୁର୍ଲା କଣ୍ଟ୍ରାକ୍ଟର କଲୋନୀର ଆନନ୍ଦ ଷଣ୍ଢ, ହୀରାକୁଦର ଫିଲିପ କୁମାର। ସେମାନଙ୍କ ପାଖରୁ ପରିଚୟ ପତ୍ର ଜବତ କରିଛି। ପରିଚୟ ପତ୍ରରେ ଟୁଡେ ଫାଷ୍ଟ ନିଉଜ ଓଡିଶା ଓ ଯୁବା ଶକ୍ତି ନିଉଜ (ୟାଏନଏସ) ଉଲ୍ଲେଖ ରହିଛି । ଏନେଇ ଥାନାରେ କେସନଂ୬୧୯/୨୦ରେ ମାମଲା ରୁଜୁ କରି ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ବୁର୍ଲା ଅଞ୍ଚଳର ଜଣେ ଯୁବତୀଙ୍କୁ ଜଣେ ଯୁବକ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଥାନାରେ ଅଭିଯୋଗ କରିଥିଲେ ଯୁବତୀ। ଯୁବକଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ନୋଟିସ ଦେଇ ଛଡା ଯାଇଥିଲା। ଗିରଫ ୨ ଯୁବକ ସମ୍ପୃକ୍ତ ଯୁବକଙ୍କ ପାଖକୁ ଯାଇଥିଲେ। ୫୦ ହଜାର ଟଙ୍କା ଦିଅ ଥାନାରୁ ତୁମ ନାମରେ ଥିବା ମାମଲା ହଟାଇ ଦେବୁ । କୋର୍ଟରେ ମଧ୍ୟ ଆମର ଭଲ ସମ୍ପର୍କ ରହିଛି, ତୁମର କିଛି ହେବ ନାହିଁ ବୋଲି କହିଥିଲେ। ଯୁବକ ଜଣକ ଟଙ୍କା ଦେବାକୁ ମନା କରିବାରୁ ଶେଷରେ ସମ୍ପୃକ୍ତ ୨ ଯୁବକ ଯୁବତୀଙ୍କ ପାଖକୁ ଯାଇ ମିଥ୍ୟା ବଳାତ୍କାର ମାମଲାରେ ସେହି ଯୁବକଙ୍କୁ ଫସାଇବା ପାଇଁ ଚାପ ପକାଇଥିଲେ। ହେଲେ ଯୁବତୀ ଜଣଙ୍କ ମନା କରିଦେଇଥିଲେ। ମଙ୍ଗଳବାର ୨ଯୁବକ ସମ୍ପୃକ୍ତ ଯୁବକଙ୍କୁ ଭେଟି ପୁଣି ଟଙ୍କା ମାଗିଥିଲେ। ଏ ଘଟଣା ପରେ ସମ୍ପୃକ୍ତ ଯୁବକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଦ୍ୱୟଙ୍କୁ ଗିରଫ କରିଥିଲା ।

## ସମ୍ବଲପୁରରେ ନାଗେନ ଚଉଠି ପୂଜା

**ସମ୍ବଲପୁର, ୧୮।୧୧ (ବ୍ୟୁରୋ)**

ପବିତ୍ର କାର୍ତ୍ତିକ ମାସ ପ୍ରତିପଦା ତିଥିରେ ନାଗେନ ଚଉଠି ପୂଜା ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହାନ୍ତିପଡା ଦଧିବାମନ କଲ୍ୟାଣ ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟାରେ ପାରମ୍ପରିକ ରୀତିନୀତି ଅନୁସାରେ ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ଆଳତୀ କରିଥିଲେ। ଭକ୍ତମାନେ ଅରୁଆ ଚାଉଳ ଓ କଳା ରାଶିରେ ନାଗ ନାଗୁଣୀ ତିଆରି କରି ପୂଜା କରିଥିଲେ । ନିର୍ଜ୍ଜଳା ଉପବାସରେ ଥିବା ଭକ୍ତମାନେ ପୂଜାର୍ଚ୍ଚନା ପରେ ପ୍ରସାଦ ଗ୍ରହଣ କରିଥିଲେ।

## ସଙ୍ଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱ



ବଲାଙ୍ଗୀର କେଶରିଆ ହିନ୍ଦୁ ବାହିନୀର ରାଜ୍ୟସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ,୧୮।୧୧**

**କେଶରିଆ ହିନ୍ଦୁ ବାହିନୀର ରାଜ୍ୟସ୍ତରୀୟ ସମ୍ମିଳନୀ**

ବଲାଙ୍ଗୀର କେଶରିଆ ହିନ୍ଦୁ ବାହିନୀର ଜିଲା ସଭାପତି ସନ୍ତୋଷ କୁମାର ଭୋଳଙ୍କ ସଭାପତିତ୍ୱରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଅଧକ୍ଷ ଧନଞ୍ଜୟ ଜେନା, ରାଜ୍ୟ ମାର୍ଗଦର୍ଶକ ରବୀନ୍ଦ୍ର କୁମାର ଶତପଥୀ, ରାଜ୍ୟ ପ୍ରଭାରୀ ଦିଲୀପ କୁମାର ଦାସ, ରାଜ୍ୟ ଯୁବବାହିନୀ ଅଧକ୍ଷ ଅମଳେନ୍ଦୁ ଦାସ, ବଲାଙ୍ଗୀର ନଗର ସଭାପତି ସନ୍ତୋଷ ସାହୁ, ଜିଲା ମହାସଚିବ ସୁନୀଲ କୁମାର ମିଶ୍ର, ଜିଲା ବରିଷ୍ଠ ଉପାଧକ୍ଷ ଶଙ୍କର୍ଷଣ ଆଚାର୍ଯ୍ୟ, ଜିଲା ପ୍ରବକ୍ତା ଦେବାନନ୍ଦ ନାୟକ ମଞ୍ଚାସୀନ ଥିଲେ। ନୂତନ ଭାବେ ଜିଲାର ବିଭିନ୍ନ ବ୍ଲକ ଓ ଏନଏସି ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କେଶରିଆ ହିନ୍ଦୁ ବାହିନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ସଙ୍ଗଠନକୁ ମଜଭୁତ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟ ହାତକୁ ନିଆଯିବ ବୋଲି ମତପ୍ରକାଶ ପାଇଥିଲା। ରାଷ୍ଟ୍ର ହିତ ପାଇଁ ଯୁବବର୍ଗଙ୍କୁ ଏଥିରେ ସାମିଲ କରାଯାଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ନେଇ ସଚେତନ କରାଯିବ ବୋଲି ରାଜ୍ୟସ୍ତରୀୟ ନେତାମାନେ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁନେଶ ରଥ, ବୀରେନ୍ଦ୍ର ବାରିକ, ରାଜେଶ ବେହେରା, ସୁବ୍ରତ କୁଅଁର, ବାଦଲ ମିଶ୍ର, ନରାଜ ରଣା, ସଞ୍ଜିତ କମ୍ପ, ସୌମ୍ୟରଞ୍ଜନ ପୁରୋହିତ, ଚନ୍ଦ୍ରଭାନୁ ପଧାନ, ଦେବରାଜ ନାଗ, ଅଭିଷେକ ସୋନି, ରବୀନ୍ଦ୍ର ନାୟକ, ପାର୍ଥ କର୍ଣ୍ଣ, ସୁଶୀଳ ସାହୁ, ଆଲୋକ ପଣ୍ଡା, ପ୍ରଦୀପ ସାହୁ, କବି ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ।

## କ୍ୱାର୍ଜ ପଥର ଖାଦାନ ପାଇଁ ସର୍ଭେ

**ସମ୍ବଲପୁର,୧୮।୧୧ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଖଣି ବିଭାଗର ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଝୁଝୁମୁରା ତହସିଲ ଅଧୀନ ବୁଡିଆକଣ୍ଟା ଗ୍ରାମ ନିକଟରେ କ୍ୱାର୍ଜ ପଥର ଥିବା ନେଇ ସର୍ଭେ କରାଯାଇଛି। ବୁଧବାର ସମ୍ବଲପୁର ମାଇନିଂ ଡେପୁଟି ଡାଇରେକ୍ଟର, ଜୋଲୋଜି ବିଭାଗ ବିଶେଷଜ୍ଞ, ଝୁଝୁମୁରା ରାଜସ୍ୱ ବିଭାଗର ମିଳିତ ଏକ ଟିମ୍ ଗ୍ରାମରେ ପହଞ୍ଚି ଥିଲା। ଗ୍ରାମ ନିକଟରେ ଥିବା ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ବୁଲି ସର୍ଭେ କରାଯାଇଥିଲା। ହେଲେ କ୍ୱାର୍ଜ ପଥର ଖଣି ଥିବା ନେଇ କୌଣସି ସୁରାକ ପାଇ ନ ଥିଲେ ବୋଲି ବିଶେଷଜ୍ଞ ଟିମ୍‌ର ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ନିବାସୀ ଗୋପାଳ ଅଗ୍ରୱାଲ ଝୁଝୁମୁରା ତହସିଲ ଅଧୀନରେ କ୍ୱାର୍ଜ ପଥର ଖାଦାନ ଥିବା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଏହି ଅଞ୍ଚଳରେ ପଥର ବ୍ୟାପକ ମାତ୍ରାରେ ରହିଛି। ତେଣୁ ଏଥିରେ ଖଦାନ କରାଗଲେ ସରକାରଙ୍କ ରାଜସ୍ୱ ବୃଦ୍ଧି ହେବ ବୋଲି ସେ ଅନୁରୋଧ କରିଥିଲେ। ଏହି ଅନୁରୋଧ କ୍ରମେ ରାଜ୍ୟ ସରକାରଙ୍କ ଖଣି ବିଭାଗ ପକ୍ଷରୁ ଏକ ପତ୍ର ଆସିଥିଲା। ସେଥିରେ ସମ୍ବଲପୁର ଡେପୁଟି ଡାଇରେକ୍ଟର ମାଇନିଂକୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା।

## ପୋଲିସ କର୍ମଚାରୀଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୧୮।୧୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ ଧାଙ୍ଗରିନଚା ବି ବ୍ଲକ ଅଞ୍ଚଳର ସିଲାଚାନ୍ଦ ଲୁଗୁନ(୫୬) ବୁଧବାର ବେକରେ ଜିଆଇ ତାର ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବୀରମିତ୍ରପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଲାଲଚାନ୍ଦ ରାଉରକେଲା ରିଜର୍ଭ ପୋଲିସରେ ଚାକିରୀ କରୁଥିଲେ । ଗତବର୍ଷ ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଉଥିଲେ। ବୁଧବାର ଦିନ ପ୍ରାୟ ୧୧ଟା ବେଳେ ସ୍ତ୍ରୀ ସିଲାଚାନ୍ଦଙ୍କ ପାଇଁ ଖାଇବା ବାଢୁଥିବା ବେଳେ ସେ ଘର ଭିତରେ ଥିବା ଫ୍ୟାନ୍ ହୁକ୍‌ରେ ତାର ବାନ୍ଧି ଆତ୍ମହତ୍ୟା କରିଥିଲେ ।

## ଇବ୍ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର


ଇବ୍ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଏମ୍.ପି ଜୁଏଲ ଓରାମ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**ସୁନ୍ଦରଗଡ, ୧୮।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ସହର ଉପକଣ୍ଠ ଭୋଜପୁର ଠାରୁ ରାଜପୁର ମଧ୍ୟରେ ଇବ୍ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଏମ୍.ପି ଜୁଏଲ ଓରାମ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୬କୋଟି ୪୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଇବ୍ ନଦୀ ଉପରେ ଏହି ସେତୁ ନିର୍ମାଣ ହେଲେ ସୁନ୍ଦରଗଡ ସହର ସହିତ ସବଡେଗା ବ୍ଲକ, ବାଲିଶଙ୍କରା ବ୍ଲକ, ଟାଙ୍ଗରପାଲି ବ୍ଲକ ସମେତ ପଡୋଶୀ ଛତିଶଗଡ଼ର ଜନସାଧାରଣ ଗମନାଗମନର ସୁବିଧା ପାଇପାରିବେ। ଉପରୋକ୍ତ ବ୍ଲକର ଚାଷୀମାନେ ସେମାନଙ୍କର ଉତ୍ପାଦିତ କୃଷିଜାତ ସାମଗ୍ରୀ ସ୍ୱଳ୍ପ ସମୟ ଓ କମ୍ ଖର୍ଚ୍ଚରେ ସୁନ୍ଦରଗଡ ବଜାରରେ ବିକ୍ରୟ କରିବାର ସୁବିଧା ପାଇପାରିବେ ବୋଲି ଏମ୍‌ପି ଓରାମ ପ୍ରକାଶ କରିଥିଲେ। ସୁନ୍ଦରଗଡ ଜିଲା ସଦର ମହକୁମା ସହିତ କମ୍ ଦୂରତାରେ ସଂଯୋଗ କରିବା ପାଇଁ ଏହି ସେତୁର ଆବଶ୍ୟକତା ଓ ଦାବିନେଇ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପୂରଣ ମୁତାବକ ଏହି ସେତୁ ଖୁବ୍‌ଶିଘ୍ର ନିର୍ମାଣ ହେବ ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଉପସ୍ଥିତ ଥିଲେ।

# ନିଯୁକ୍ତି ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣିରେ ସ୍ଥାନୀୟ ନିଯୁକ୍ତି ଦାବିରେ କର୍ମଜୀବି ଏକତା ସଙ୍ଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନ ସ୍ଥଗିତ ହୋଇଛି। ୧୦୧ ଦିନ ପରେ କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତିର ପ୍ରତିଶ୍ରୁତି ଦେବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ରେଙ୍ଗାଲି ବିଧାୟକ ନାଉରୀ ନାଏକ ଅନଶନରେ ବସିଥିବା ଜ୍ୟୋସ୍ନା ଦୀପଙ୍କୁ ଫଳରସ ପିଆଇ ଆନ୍ଦୋଳନ ସ୍ଥଗିତ ଘୋଷଣା କରିଥିଲେ। ପରେ ଆନ୍ଦୋଳନ ସ୍ଥଳରେ ଜଳୁଥିବା ଅଖଣ୍ଡ ଦୀପକୁ ଶ୍ରୀରାମ ମନ୍ଦିରକୁ ନିଆଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଯଦି ୨୧ ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହୁଏ ତା'ହେଲେ ପୁଣି ଥରେ ଅଖଣ୍ଡ ଦୀପ ଜଳିବ ଓ ଅନଶନ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ମଙ୍ଗଳବାର କମ୍ପାନୀ, ପ୍ରଶାସନ ଓ ବିସ୍ଥାପିତମାନଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଖଣିରେ କାର୍ଯ୍ୟରତ ୧୩୭ ଜଣ ଜମିହରାଙ୍କୁ ଆଗାମୀ ୨୧ ଦିନ ମଧ୍ୟରେ ଅର୍ଥାତ୍ ଡିସେମ୍ବର ୯ ସୁଦ୍ଧା ଆଦାନୀ ପକ୍ଷରୁ ନିଯୁକ୍ତି ପତ୍ର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ୨୮ ଜଣ ଜମିହରାଙ୍କୁ ପୂର୍ବରୁ ନିଯୁକ୍ତି ପତ୍ର ମିଳିଛି। କୋଇଲା ପରିବହନ ପାଇଁ ଆବଶ୍ୟକ ୱେବ୍ରିଜ ଅପରେଟର ଓ ଅନ୍ୟ ପଦଗୁଡିକରେ ଜମିହରାଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପାଇଁ ବୁଧବାରଠାରୁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ତଲାବିରା ୨ ଓ ୩ କୋଇଲା ଖଣିରେ ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ପଦଗୁଡିକ ନିର୍ଦ୍ଦିଷ୍ଟ ନିଯୁକ୍ତି ମାଧ୍ୟମରେ ଜମିହରାଙ୍କୁ ଦିଆଯିବ ବୋଲି ସ୍ଥିର ହୋଇଥିଲା। ସେହିପରି ଆଦାନୀ ଓ ଟମ୍‌ପେଲ୍ କମ୍ପାନୀରେ ଖାଲି ପଦଗୁଡିକ ସମ୍ପର୍କରେ ଅତି କମରେ ଏକ ମାସ ପୂର୍ବରୁ ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ତଥା ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟକୁ ସୂଚନା ଦିଆଯିବ ବୋଲି ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା।

ଏହି ବୈଠକରେ ବିଧାୟକ ନାଏକ, ତହସିଲଦାର ସୁନୀଲ ମେହେର, ଖିଣ୍ଡା ସରପଞ୍ଚ ନୀଳାବତୀ ଓରାମ, ଜିଲା ପରିଷଦ ସଭ୍ୟ ହେଡେଞ୍ଜା, ଏନ୍‌ଏଲସିର କମ୍ପାନୀର ସିଜିଏମ୍ ସୁରେଶ ଚନ୍ଦ୍ର ସୁମନ, ମାନବ ସମ୍ବଳ ଅଧିକାରୀ ସୁବ୍ରତ ବିଶ୍ୱାଳ, ଟମପେଲ ପ୍ରକଳ୍ପ ମୁଖ୍ୟ ପ୍ରସନ୍ନ ପଣ୍ଡା ପ୍ରମୁଖ ଭାଗ ନେଇଥିଲେ।


ଅନଶନରେ ବସିଥିବା ଜ୍ୟୋସ୍ନା ଦୀପଙ୍କୁ ବିଧାୟକ ଫଳରସ ପିଆଉଛନ୍ତି ।

**ତଲାବିରା କୋଇଲାଖଣି ବିସ୍ଥାପିତଙ୍କ ଆନ୍ଦୋଳନ**

